ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 41 | 8 - 14 October 2023 | Sambalpur | Page- 8 | Invitation Price Rs.10

## ଆଇଆଇଏମ ସମ୍ବଲପୁରରେ ହେବ ବିଶ୍ୱ ପ୍ରବନ୍ଧନ ସମ୍ମିଳନୀ

ସମ୍ବଲପୁର: ଆସନ୍ତା ଡିସେମ୍ବର ୨୧-୨୩ ତାରିଖ ଯାଏଁ ଆଇଆଇଏମ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ ଠାରେ ନବମ ବିଶ୍ୱ ପ୍ରବନ୍ଧନ ସମ୍ମିଳନୀ ଅନୁଷ୍ଠିତ ହେବ। ଭାରତ ସରକାରର ଶିକ୍ଷା ମନ୍ତ୍ରଣାଳୟ ଓ ଦେଶର ସମସ୍ତ ଆଇଆଇଏମର ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଉଥିବା



ଏହି ସମ୍ମିଳନୀକୁ ଚଳିତ ବର୍ଷ ଆଇଆଇଏମ ସମ୍ବଲପୁର ଆୟୋଜନ କରିବ। ଏଥିରେ ଦେଶ ବିଦେଶରୁ ପ୍ରାୟ ୧ ହଜାର ଗବେଷକ, ଶିକ୍ଷାବିତ, ପ୍ରବନ୍ଧନ ବିଶେଷଜ୍ଞ ଓ ନୀତି ନିର୍ଦ୍ଧାରକ ଯୋଗ ଦେଇ ଔଦ୍ୟୋଗିକ ନବସୃଜନ, ଡିଜିଟାଲ ଗଭରନାନ୍ସ, ଦୀର୍ଘସ୍ଥାୟୀ ବିକାଶ ଭଳି ବିଭିନ୍ନ ପ୍ରସଙ୍ଗରେ ତିନି ଦିନ ବ୍ୟାପି ଆଲୋଚନା କରିବେ। ଏହି ବୈଶ୍ୱିକ ସମ୍ମିଳନୀର ସଫଳ ଆୟୋଜନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଉଥିବା ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ମହାଦେଓ ଜୟସ୍ୱାଲ ସୂଚନା ଦେଇଛନ୍ତି।

# 'ଓଏସଓୟୁ' ଭବିଷ୍ୟତକୁ ନେଇ ଅନିଶ୍ଚିତତା

ସମ୍ବଲପୁର: ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ)ର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଚଳିତ ଶିକ୍ଷାବର୍ଷରୁ ନାମଲେଖା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) କଟକଣା ଲଗାଇଥିବା ବେଳେ ଏହାର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି। ନାକ୍ ମାନ୍ୟତା ନ ମିଳିବା ଯାଏଁ ୟୁଜି ଓ ପିଜି ନାମଲେଖା ପାଇଁ କଟକଣା ରହିଛି। କୌଣସି ଭିତ୍ତିଭୂମି ନଥାଇ ବିଶ୍ୱବିଦ୍ୟାଳୟ କିଭଳି ନାକ୍ ଟିମ୍‌କୁ ସାମ୍ନା କରିବ, ସେନେଇ ପ୍ରଶ୍ନ ଉଠିଛି। ବିଶ୍ୱବିଦ୍ୟାଳୟ ପାଇଁ କୌଣସି ଶିକ୍ଷକ ପଦ ଅନୁମୋଦନ ହୋଇ ନ ଥିବାରୁ ବିଶ୍ୱବିଦ୍ୟାଳୟ ନାକ୍ ନିକଟରେ ଏସିଏସ.ଆର୍ ମଧ ଦାଖଲ କରି ପାରୁନାହିଁ।

ୟୁଜିସି ବିନାନୁମତିରେ କୌଣସି ଦୂର ନିରନ୍ତର ବିଭାଗ ଖୋଲାଯାଇ ପାରିବ ନାହିଁ। ୟୁଜିସିର ମୁକ୍ତ ଓ ଦୂର ନିରନ୍ତର ଶିକ୍ଷା (ଓଡିଏଲ୍) ଅଧିନିୟମ ଅନୁଯାୟୀ, ଓଡିଏଲ୍ ଶିକ୍ଷା ପ୍ରଦାନ କରୁଥିବା ବିଶ୍ୱବିଦ୍ୟାଳୟ ୬ବର୍ଷ ମଧ୍ୟରେ ନାକର ମାନ୍ୟତା ବାଧ୍ୟତାମୂଳକ। ଏହି ଅଧିନିୟମ ଅନୁଯାୟୀ ନାକ୍ ମାନ୍ୟତା ନ ଥିଲେ, ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ସ୍ନାତକ ଓ ସ୍ନାତକୋତ୍ତର ପିଲାଙ୍କ ନାମ ଲେଖାଇପାରିବ ନାହିଁ। ୨୦୧୫ ମସିହାରେ ପ୍ରତିଷ୍ଠା ହୋଇଥିବା 'ଓଏସଓୟୁକୁ ୫ବର୍ଷ ଲାଗି ୟୁଜିସି ଅନୁମତି ଦେଇଥିଲା। ଇତିମଧ୍ୟରେ ବିଶ୍ୱବିଦ୍ୟାଳୟକୁ ୮ ବର୍ଷ ଛୁଇଁଛି। ମାତ୍ର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ କିଛି ହୋଇନାହିଁ କହିଲେ ଚଳେ। ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟକୁ ଅନୁଦାନ ଦେବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେଇଥିଲେ ମଧ ବିଭାଗର ସମନ୍ୱୟ ଅଭାବ ହେତୁ ଏହାର ସଠିକ୍ କାର୍ଯ୍ୟକାରୀ ହୋଇନାହିଁ। ବର୍ତ୍ତମାନ ସ୍ଥିତିରେ ବିଶ୍ୱବିଦ୍ୟାଳୟ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ମାତ୍ର ୨ ଶହ ବର୍ଗଫୁଟ୍ ବିଶିଷ୍ଟ ଘରେ ପରିଚାଳିତ। ସ୍ଥାୟୀ କୁଳପତି ଓ କୁଳସଚିବଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ




କର୍ମଚାରୀ (୭୦ ଜଣ ଅଣଶିକ୍ଷକ କର୍ମଚାରୀ) ଠିକାରେ ନିଯୁକ୍ତ। ୮ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟ ପାଇଁ ସ୍ଥାୟୀ କର୍ମଚାରୀ ପଦ ସୃଷ୍ଟି ହୋଇନାହିଁ। ଖାଲି ସେତିକି ନୁହେଁ, ବିଶ୍ୱବିଦ୍ୟାଳୟର ନିଜସ୍ୱ କ୍ୟାମ୍ପସ ପାଇଁ ଯଦିଓ ସରକାରୀ ୪୦ ଏକର ଜାଗା ଓ ଆର୍ଥିକ ସହଯୋଗ ଯୋଗାଇ ଦେଇଛନ୍ତି, ମାତ୍ର ବିଲ୍ଡିଂ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଜୁନ୍ ୨୦୨୨ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଥିବା ବିଲ୍ଡିଂ ନିର୍ମାଣ କାମ ଆଜିଯାଏଁ ମଧ ସରିନାହିଁ। ରାଜ୍ୟ ପୁଲିସ୍ ଗୃହ ନିର୍ମାଣ ନିଗମକୁ ଦାୟିତ୍ୱ ଦିଆଯାଇଥିବା ବେଳେ ନିର୍ଦ୍ଧାରିତ ସମୟରେ ବିଭାଗ କାମ ସାରି ପାରୁନଥିବା ଅଭିଯୋଗ ହୋଇଛି।

ତେବେ ନାକ୍ ମାନ୍ୟତା ପାଇଁ ବିଶ୍ୱବିଦ୍ୟାଳୟ ନିକଟରେ ଏସଏସଆର୍ (ସେଲ୍ଫ ଷ୍ଟଡି ରିପୋର୍ଟ) ଦାଖଲ ପାଇଁ ପ୍ରୟାସ କରିଥିଲେ ମଧ ଏହା ଦାଖଲ ହୋଇ ପାରୁନାହିଁ। ଓଏସଓୟୁ ଲାଗି ଶିକ୍ଷକ କର୍ମଚାରୀ ପଦ ସୃଷ୍ଟି ହୋଇ ନଥିବାରୁ ଅନଲାଇନରେ ଏସଏସଆର ଅପଲୋଡ୍ ହେଉନି। ଯାହାକି ପ୍ରମୁଖ ସମସ୍ୟା ସାଜିଛି।

ଅନ୍ୟପକ୍ଷରେ ଯଦିଓ ନାକ୍‌ଟିମ୍ ଯାଞ୍ଚ ପାଇଁ ଆସେ, ଆସିଲେ ଦେଖିବ କ'ଣ ? ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କର୍ମଚାରୀ ନଥିବା, ନିଜସ୍ୱ ବିଲଡିଂ ନ ଥିବା ବେଳେ ଦଳ ମୂଲ୍ୟାଙ୍କନ କରିବ କ'ଣ ? ବିଶ୍ୱବିଦ୍ୟାଳୟର ୧୪ଟି ସ୍ନାତକୋତ୍ତର ଓ ୧୧ଟି ସ୍ନାତକ ପାଠ୍ୟକ୍ରମ ପାଇଁ ଜଣେ ବି ଶିକ୍ଷକ କର୍ମଚାରୀ ନିଯୁକ୍ତ ହୋଇନାହାନ୍ତି। ଅଣଶିକ୍ଷକ କର୍ମଚାରୀଙ୍କ କ୍ଷେତ୍ରରେ ମଧ ସମାନ ଅବସ୍ଥା। ୟୁଜିସିର ନିୟମ ଅନୁଯାୟୀ, ମୁକ୍ତ ଦୂର ନିରନ୍ତର ଶିକ୍ଷା ପ୍ରଚଳନ ପାଇଁ ବିଶ୍ୱବିଦ୍ୟାଳୟର ଅତିକମ୍‌ରେ ୬୦ ପ୍ରତିଶତ ପାଠ୍ୟକ୍ରମ ନିଜସ୍ୱ ହୋଇଥିବା ଆବଶ୍ୟକ। ଅତିକମ୍‌ରେ ୟୁଜି ଓ ପିଜି ପାଇଁ ୫ଜଣ ସ୍ଥାୟୀ ଶିକ୍ଷକ କର୍ମଚାରୀ ନିଯୁକ୍ତି ପାଇଥିବା ଆବଶ୍ୟକ ମଧ। ସେହିଭଳି ୬ ବର୍ଷ ପୂରଣ କରିଥିବା କିମ୍ବା ନାମଲେଖା ପରେ ଦୁଇଟି ବ୍ୟାଚ୍ ଉତ୍ତୀର୍ଣ୍ଣ ହୋଇଥିବା ବିଶ୍ୱବିଦ୍ୟାଳୟ ନାକ୍ ମାନ୍ୟତା ପାଇଥିବା ଆବଶ୍ୟକ। ଏପରିସ୍ଥଳେ ଓଏସଓୟୁ ନିଜର ନାକ୍ ମାନ୍ୟତା ପାଇଁ ପ୍ରୟାସ ଜାରି ରଖିଛି। ସୂଚନାଥାଉକି ପ୍ରତିବର୍ଷ ହାରାହାରି ୩୦ ହଜାର ଛାତ୍ରଛାତ୍ରୀ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ନାମ ଲେଖାଇବା ସହ ବିଭିନ୍ନ ପାଠ୍ୟକ୍ରମରେ ଅଧ୍ୟୟନ କରିଥାନ୍ତି ଓ ଗତ ୮ ବର୍ଷରେ ପାଖାପାଖି ଦେଢ଼ ଲକ୍ଷ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟରୁ ବିଭିନ୍ନ ପାଠ୍ୟକ୍ରମରେ ଡିଗ୍ରୀ ହାସଲ କରିଛନ୍ତି। ଚଳିତ ବର୍ଷ ନାମଲେଖା ପାଇଁ ୟୁଜିସି ମାନ୍ୟତା ଦେଇ ନଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଇତି ମଧ୍ୟରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଦୟନିୟ ପରିସ୍ଥିତି ବାବଦରେ ସମ୍ବଲପୁର ବିଧାୟକ ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଶୀଘ୍ର ଓଏସଓୟୁରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ସୃଷ୍ଟି କରି ନିଯୁକ୍ତି ଦେବା ସହ ଭିତ୍ତିଭୂମି କାମ ଶୀଘ୍ର ସାରିବାକୁ ସେ ତାଙ୍କ ଚିଠିରେ ଦାବି କରିଛନ୍ତି। ବିରୋଧୀ ଦଳ ନେତା ଶ୍ରୀ ମିଶ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସମ୍ବଲପୁରରେ ୨୦୧୫ ମସିହାରୁ ଓଏସଓୟୁ ଆରମ୍ଭ ହୋଇଥିଲା। କିନ୍ତୁ, ଶିକ୍ଷକ ଓ ଅଣଶିକ୍ଷକ ପଦବି ନଥିବାରୁ ନାକ୍ ମାନ୍ୟତା ଓଏସଓୟୁକୁ ମିଳିପାରୁ ନାହିଁ। ଏପରିକି ଭିତ୍ତିଭୂମି ନଥିବାରୁ ମଧ ନାକ୍ ମାନ୍ୟତା ଓଏସଓୟୁକୁ ମିଳିବାରେ ସମସ୍ୟା ହୋଇଛି। ଆଉ ନାକ୍ ମାନ୍ୟତା ନପାଇବାରୁ ୟୁଜିସି ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମକୁ ରୋକ୍ ଲଗାଇଛି। ଏଣୁ ଶୀଘ୍ର ଶିକ୍ଷକ ଓ ଅଣଶିକ୍ଷକ ପଦରେ ନିଯୁକ୍ତି ଦେବାକୁ ଶ୍ରୀ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଯଥାସମ୍ଭବ ଶୀଘ୍ର ଭିତ୍ତିଭୂମି କାମ ସଂପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ମିଶ୍ର ଏହି ଚିଠିରେ ଉଲ୍ଲେଖ କରିଛନ୍ତି।

## ଝାରସୁଗୁଡ଼ାରେ ହେବ କ୍ୟାନସର ହସ୍ପିଟାଲ ଓ ମଲ୍ଟି ସ୍ପେସାଲିଟି ହସ୍ପିଟାଲ

ଝାରସୁଗୁଡ଼ା: ବହୁ ପ୍ରତୀକ୍ଷିତ ଝାରସୁଗୁଡ଼ାରେ ୧୨୦ ଶଯ୍ୟା ବିଶିଷ୍ଟ କ୍ୟାନସର କେୟାର ହସ୍ପିଟାଲ ନିର୍ମାଣ ନେଇ ରାଜ୍ୟ ସରକାର ଭାଇଜାଗ୍ ହସ୍ପିଟାଲ ଆଣ୍ଡ କ୍ୟାନସର ରିସର୍ଚ୍ଚ ସେଣ୍ଟର ସହିତ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହା ସହିତ ଝାରସୁଗୁଡ଼ାରେ ୧୦୦ ଶଯ୍ୟା ବିଶିଷ୍ଟ ମଲ୍ଟି ସ୍ପେସାଲିଟି ହସ୍ପିଟାଲ ପାଇଁ ମଧ ସିଗନସ୍ ମେଡିକେୟାର ପ୍ରାଇଭେଟ୍ ଲିମିଟେଡ୍ ଓ ପ୍ରିଷ୍ଟଲିଙ୍କ୍ କମ୍ପ୍ୟୁଟର ଆଣ୍ଡ କମ୍ୟୁନିକେସନ୍ ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ପିପିପି ମୋଡ୍‌ରେ ହେବାକୁ ଥିବା ଏହି ୨ ହସ୍ପିଟାଲର ନିର୍ମାଣ କାମ ମଧ ଦାୟିତ୍ୱ ନେଇଥିବା ସଂସ୍ଥାର ତତ୍ତ୍ୱାବଧାନରେ ହେବ ବୋଲି ଜଣାପଡ଼ିଛି।

୨୦୧୯ ମସିହାରେ ଝାରସୁଗୁଡ଼ା ସହରରେ କ୍ୟାନ୍ସର ହସ୍ପିଟାଲ୍ ପାଇଁ ଜେଲ୍ ନିକଟରେ ଜାଗା ଚିହ୍ନଟ ହୋଇଛି। ୫.୬୫ ଏକର ଜାଗା ସ୍ୱାସ୍ଥ୍ୟ ବିଭାଗ ନାଁରେ ହସ୍ତାନ୍ତର ସରିଛି। ଏହା ସହିତ ଜିଲ୍ଲା ଖଣିଜ ପାଣ୍ଠିରୁ ହସ୍ପିଟାଲ ପାଇଁ ୧୬୮.୭୨ କୋଟି ଟଙ୍କା ମଞ୍ଜୁର ବି ହୋଇଛି। ପିପିପି ମୋଡ଼ରେ ଚାଲିବାକୁ ଥିବା ଏହି କ୍ୟାନସର କେୟାର ହସ୍ପିଟାଲ ହେଲେ ସମଗ୍ର ପଶ୍ଚିମ ଓଡ଼ିଶାର ରୋଗୀ ଉପକୃତ ହେବେ ଓ ହସ୍ପିଟାଲରେ ରୋଗୀଙ୍କ ପାଇଁ ୨ଟି ଲେନିଆକ୍ ମେସିନ୍ ବି ଲାଗିବ ବୋଲି ଘୋଷଣା କରାଯାଇଥିଲା। ସେପଟେ, ମଙ୍ଗଳବଜାରରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂଆକୋଠାକୁ ସ୍ଥାନାନ୍ତର ହେବା ପରେ ଉକ୍ତ ସ୍ଥାନରେ ୧୦୦ ଶଯ୍ୟା ବିଶିଷ୍ଟ ମଲ୍ଟି ମଲଟି ସ୍ପେସାଲିଟି ହସ୍ପିଟାଲ ଖୋଲିବାକୁ ବି ଘୋଷଣା କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହାକୁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇଥିଲା। ୨୦୨୨ ମସିହାରୁ ଏହି ସ୍ଥାନରେ ମାନସିକ ଅନଗ୍ରସରଙ୍କ କେନ୍ଦ୍ର ଖୋଲାଯିବା ନେଇ ସରକାରଙ୍କ ଚିଠି ସାମ୍ନାକୁ ଆସିବା ପରେ ରାଜନୀତି ତେଜିଥିଲା। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ମଲ୍ଟି ସ୍ପେସାଲିଟି ହସ୍ପିଟାଲ ପାଇଁ ସହର ବାହାରେ ଏକ ଜାଗା ଚିହ୍ନଟ କରାଯାଇଥିବା ଜଣାପଡ଼ିଛି।

### ଝାରସୁଗୁଡ଼ାରେ ହାର୍ଟ ହସ୍ପିଟାଲ କେବେ ?

ଝାରସୁଗୁଡ଼ା: ଝାରସୁଗୁଡ଼ାରେ ପଶ୍ଚିମ ଓଡ଼ିଶାର ପ୍ରଥମ ସରକାରୀ ସୁପରସ୍ପେସାଲିଟି ହାର୍ଟ ହସ୍ପିଟାଲ୍ ହେବ। କଳାହାଣ୍ଡିରୁ ନେଇ ସୁନ୍ଦରଗଡ଼ ଯାଏ ରୋଗୀ ଉପକୃତ ହେବେ। ଏଭଳି କିଛି ଆଶା ଦେଖାଇ ୭୫ କୋଟି ବ୍ୟୟ ଅଟକଳରେ ୧୦୦ ଶଯ୍ୟା ବିଶିଷ୍ଟ ହାର୍ଟ ହସ୍ପିଟାଲ ନିର୍ମାଣ କାମ ଆରମ୍ଭ ହୋଇଥିଲା। କିନ୍ତୁ ନିର୍ମାଣ ହେବାର ଇତି ମଧ୍ୟରେ ୧୯ ମାସ ବିତି ଯାଇଥିଲେ ହେଁ ତାହା କେବେ କାର୍ଯ୍ୟକ୍ଷମ ହେବ ତା'ର ଉତ୍ତର କାହା ପାଖରେ ନାହିଁ। ପୂର୍ବରୁ ହସ୍ପିଟାଲ ପରିଚାଳନା ନେଇ ଥରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ବେଳେ ଦାୟିତ୍ୱ ନେଇଥିବା ସଂସ୍ଥା ଓହରି ସାରିଛି। ଏହା ପରେ ରାଜ୍ୟ ସରକାର ବାରମ୍ବାର ଟେଣ୍ଡର କରୁଥିଲେ ହେଁ କୌଣସି ନିଷ୍କର୍ଷ ବାହାରିପାରୁନି। ଇତି ମଧ୍ୟରେ ହସ୍ପିଟାଲ ପାଇଁ ଆସିଥିବା ଯନ୍ତ୍ରାଂଶଗୁଡ଼ିକ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଯନ୍ତ୍ରାଂଶ ଏକାଧିକ ପର୍ଯ୍ୟାୟରେ ରାଜ୍ୟ ସରକାର ଅନ୍ୟ ମେଡିକାଲକୁ ସ୍ଥାନାନ୍ତର କରିସାରିଲେଣି। ଏଭଳି ସ୍ଥିତିରେ ହାର୍ଟ ହସ୍ପିଟାଲ କଥା ସରକାର ଭୁଲିଗଲେ କି ବୋଲି ପ୍ରଶ୍ନ ଉଠିଛି।

## ଜି.ଏମ.ୟୁ.କୁ ୧୦ ଲକ୍ଷ ଟଙ୍କା ଦାନକଲେ ପ୍ରଫେସର ଗିରିଧାରୀ ଗୁରୁ



ସମ୍ବଲପୁର : ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଗିରିଧାରୀ ପ୍ରସାଦ ଗୁରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାୟକୁ ୧୦ ଲକ୍ଷ ଟଙ୍କା ଦାନ କରିଛନ୍ତି। ବିଶ୍ୱବିଦ୍ୟାଳୟ ଗବେଷଣା କରିବାକୁ ଚାହୁଁଥିବା ଅଭାବୀ ଛାତ୍ରଙ୍କୁ ଫେଲୋସିପ ପ୍ରଦାନ ପାଇଁ ଏହି ଅର୍ଥ ଦେଇଥିବା ଜଣାପଡିଛି। ତାଙ୍କ ପ୍ରଦତ୍ତ ଅର୍ଥ ଫିକ୍ସଡ ଡିପୋଜିଟରେ ରଖି ସୁଧ ଅର୍ଥ ଉପରୋକ୍ତ ବର୍ଗର ଛାତ୍ରଙ୍କ ସକାଶେ ବିନିଯୋଗ କରାଯିବ। ଏହି ଅବସରରେ କୁଳପତି ପ୍ରଫେସର ଏନ. ନାଗାରାଜୁ ପ୍ରଫେସର ଗୁରୁଙ୍କୁ ତାଙ୍କ ପୂର୍ବତନ ଶିକ୍ଷାନୁଷ୍ଠାନ ସକାଶେ ଏହି ମହତ୍ କାର୍ଯ୍ୟ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରଫେସର ଗୁରୁ ଗଙ୍ଗାଧର ମେହେର ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଥିବାବେଳେ ଅଧାପକ ତଥା ଅଧକ୍ଷ ଦାୟିତ୍ୱ ମଧ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ଉପକୁଳସଚିବ ଡକ୍ଟର ଉମାଚରଣ ପତି ସଂଯୋଜନା କରିଥିବା ବେଳେ ପ୍ରଫେସର ଗୁରୁ ଅନଲାଇନରେ ଯୋଗ ଦେଇ ଅନୁଷ୍ଠାନ ପାଇଁ କିଛି କରି ପାରିଥିବାରୁ ଖୁସି ବ୍ୟକ୍ତ କରିଥିଲେ। ପ୍ରଫେସର ଗୁରୁଙ୍କ ପୁଅ ଝିଅ ସୁଶାନ୍ତ କୁମାର ଗୁରୁ, ଲୀଳାବତୀ ଗୁରୁ, ପ୍ରଶାନ୍ତ କୁମାର ଗୁରୁ ଓ ପ୍ରଫେସର ପ୍ରଭାବତୀ ଗୁରୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ, ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ହେମକୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଏ ସଂଖ୍ୟାରେ..


ଖାଦ୍ୟ ଲୋଭ ନିୟନ୍ତ୍ରଣ କରେ ଶାଗ


ସାସ୍ଥ୍ୟକାରୀ କିସ୍‌ମିସ୍


ସ୍ୱାସ୍ଥ୍ୟ ପକ୍ଷେ ହିତକାରୀ ଗୁଜୁରାତି


ସ୍ୱାସ୍ଥ୍ୟପ୍ରଦ ଲାଲ୍ ଅଙ୍ଗୁର


ସ୍ୱାସ୍ଥ୍ୟପଯୋଗୀ ଗୋଲ ମରିଚ


ଅମୃତ ଭଣ୍ଡାର ଉପକାରିତା

# ଲୋକକଳା ଗ୍ରାମ କର୍ତ୍ତଙ୍ଗରେ ଗାନ୍ଧୀ ଜୟନ୍ତୀ

ସୋନପୁର: ଜିଲ୍ଲା ପ୍ରଶାସନ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୁବର୍ଣ୍ଣପୁର ସହଯୋଗରେ ଲୋକକଳା ଗ୍ରାମ କର୍ତ୍ତଙ୍ଗରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକର କଳାକାର ସଂଘ ଯୋଗଦାନ କରି ଏକକ ଓ ଦଳଗତ ଦେଶାତ୍ମବୋଧକ ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସ୍ଥାନୀୟ ସଂକୀର୍ତ୍ତନ ଦଳ ରଘୁପତି ରାଘବ ରାଜାରାମ ଗାନ ପୂର୍ବକ ଗ୍ରାମ ପରିକ୍ରମା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଗୀତିକା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ କଳାକାର ନିରାକାର ଦେହୁରୀ ଓ ପ୍ରଦୀପ ବାରିକ ପରିଚାଳନା କରିଥିଲେ । ଲୋକକଳା କାର୍ଯ୍ୟକ୍ରମରେ ପୂର୍ଣ୍ଣମାସୀ ସଂକୀର୍ତ୍ତନ ମଣ୍ଡଳୀ ଓ କର୍ତ୍ତଙ୍ଗ ଦଧିବାମନ ମହିଳା ସଂକୀର୍ତ୍ତନ ମଣ୍ଡଳୀ, ସଂସାମୁରା ମା'ମାଉଲି ମହିଳା ସଂକୀର୍ତ୍ତନ ମଣ୍ଡଳୀ, ଗରିଆମୁଣ୍ଡା ମହିଳା ସଂକୀର୍ତ୍ତନ ମଣ୍ଡଳୀ, ଦିବ୍ୟାଙ୍ଗ ଛାତ୍ରୀ ମନଭାର୍ଗୀ ଭୋଇଙ୍କ ଦ୍ୱାରା ଭଜନ, ଗ୍ରାମର ଲୀଳା ନାଟକର କଳାକାରଙ୍କ ଦ୍ୱାରା ମଞ୍ଚକଳା ପରିବେଷଣ, କରମସାନି ଲୋକ ନୃତ୍ୟ, ଗାଁ କଳାକାରଙ୍କ ଦ୍ୱାରା ବାଡ଼ି ଖେଳ ପ୍ରଦର୍ଶନ କରାଯାଇଥିଲା । ସ୍ଥାନୀୟ କଳାକାର, ଗ୍ରାମର ବରିଷ୍ଠ ନାଗରିକ, ସାମ୍ବାଦିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପାରାକ୍ୱାଟ ତୃଣନାଶକର ବିକ୍ରୟ ଓ ବ୍ୟବହାର ଉପରେ ସଚେତନତା ବୈଠକ

ସୋନପୁର: ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ କୀଟନାଶକ ବିକ୍ରେତାଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଶ୍ରୀ ରାୟ ପାରାକ୍ୱାଟ ତୃଣ ନାଶକ ଉପରେ ରହିଥିବା କଟକଣା ଉପରେ ଉପସ୍ଥିତ ସମସ୍ତ କୀଟନାଶକ ବିକ୍ରେତାଙ୍କ ଦୃଷ୍ଟିଆକର୍ଷଣ କରିଥିଲେ । ଏହା ସହ କୀଟନାଶକ ବିକ୍ରେତା ମାନେ ସେମାନଙ୍କର ବିକ୍ରୟ କେନ୍ଦ୍ରରେ ପାରାକ୍ୱାଟ ର ବିକ୍ରି ଓ ବ୍ୟବହାର ଉପରେ ଥିବା କଟକଣାକୁ ବ୍ୟାନର ମାଧ୍ୟମରେ ଚାଷୀ ତଥା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚୀତ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡକ୍ଟର ବିଭୁତି ଭୂଷଣ ମିଶ୍ର ବୈଠକ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ପାରାକ୍ୱାଟ ତୃଣ ନାଶକ ବ୍ୟବହାର ର ବିଭିନ୍ନ ମାରାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ଉପ ଆରକ୍ଷୀ ଅଧୀକ୍ଷକ ଶ୍ରୀ ବୀରେନ୍ଦ୍ର କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅଶ୍ୱିନୀ କୁମାର ଭୋଇଙ୍କ ସହ ବିଭିନ୍ନ ବ୍ଲକର କୃଷି ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଶିବିରରେ ଜିଲ୍ଲାପାଳ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିବା ବେଳେ ତନ୍ମଧ୍ୟରେ ୧୦ ଗୋଟି ବ୍ୟକ୍ତିଗତ ଓ ୦୭ ଗୋଟି ସାମୂହିକ ଦରଖାସ୍ତ ଥିଲା । ଶିବିରରେ ସମସ୍ତ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଡିଓ ସୋନପୁର-ଶ୍ରୀ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ଡ଼.ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ଚିକିତ୍ସାଧିକାରୀ ଡ଼ଃ ରମେଶ ଚନ୍ଦ୍ର ସ୍ୱାଇଁ , ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ , ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଅର୍ଜୁନ ଚରଣ ମାଝୀ, ଡି.ଏସ ଏସ ଓ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଡି.ଡବ୍ଲୁ ଓ ଅଚ୍ୟୁତାନନ୍ଦ ସିଂ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ,ତହସିଲଦାର ସୋନପୁର ନବୀନ କିଶୋର ପାଢ଼ୀ, ନିର୍ବାହୀ ଅଧିକାରୀ ପୌର ପରିଷଦ ସୋନପୁର ଶ୍ରୀ ସୁର୍ଯ୍ୟାଂଶୁ ରୁଟ, ତଥା ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ ।

# ରକ୍ତ ଶିକୁଳି ପରୀକ୍ଷା ଓ ଚିକିତ୍ସା ଶିବିର

ସୁବର୍ଣ୍ଣପୁର: ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ରକ୍ତ ଶିକୁଳି ପରୀକ୍ଷା ସୋନପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ଆର.ବି.ଏସ.କେ ନାଇକେନପାଲି ଓ ଜିଲ୍ଲା ରକ୍ତ ଶିକୁଳି ବିଭାଗ ମିଳିତ ଆନୁକୂଲ୍ୟରେ ଶୁଭାରମ୍ଭ କରାଯାଇଅଛି । ଏହି ସ୍ୱାସ୍ଥ୍ୟ ଶିବିରରେ ସୋନପୁରର ଛାତ୍ରୀମାନଙ୍କ ରକ୍ତ ଶିକୁଳି ପରୀକ୍ଷା କରାଯାଇଥିଲା । ଏହି ସ୍ୱାସ୍ଥ୍ୟ ଶିବିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଲେବୋରେଟୋରୀ ଟେକନିସିଆନ ରଶ୍ମିତା ସାହୁ ଛାତ୍ରୀ ମାନଙ୍କର ରକ୍ତ ନମୁନା ସଂଗ୍ରହ ଓ ଆର.ବି.ଏସ.କେ ଟିମ ଦ୍ୱାରା ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ତୁଳାଇବା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରର ଜଙ୍ଗଜଙ୍ଗ ଟିମ୍‌ର ଡକ୍ଟର ସରୋଜକୁ ପଟେଲ, ଫାର୍ମାସିଷ୍ଟ ହୃଷିକେଶ ମିଶ୍ର, ମହିଳା ସ୍ୱାସ୍ଥ୍ୟ କର୍ମୀ ଶୁଭଲକ୍ଷ୍ମୀ ବାଗ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ, ୱାର୍ଡେନ ସୁଚିତ୍ରା ପାଣିଗ୍ରାହୀ ସହଯୋଗ କରିଥିଲେ ।

# ଦକ୍ଷିଣିପାଲିରେ ହକିଖେଳାଳୀଙ୍କୁ ହକି ଉପକରଣ ପ୍ରଦାନ

ସୁବର୍ଣ୍ଣପୁର: ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଦକ୍ଷିଣିପାଲି ଠାରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ନାଭାଲ ଟାଟା ହକି ଏସିଇ ଫାଉଣ୍ଡେସନର ମିଳିତ ସହଯୋଗରେ ତୃଣମୂଳ ହକିକୁ ସୁଦୃଢ଼ କରିବା ନିମନ୍ତେ କେନ୍ଦ୍ରର ଖେଳାଳୀଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ହକି ଖେଳ ନିମନ୍ତେ ବ୍ୟବହୃତ ଆନୁସଙ୍ଗିକ ସରଞ୍ଜାମ ପ୍ରଦାନ କରାଯାଇଛି । ଏହି ବିଶେଷ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ବିମଳେନ୍ଦୁ ରାୟ ଉପସ୍ଥିତ ରହି ଖେଳାଳୀଙ୍କୁ ହକି ସରଞ୍ଜାମ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତରଞ୍ଜନ ମିଶ୍ର, ବି.ଡି.ଓ ଉଲୁଣ୍ଡା କରିସ୍ମା ବେସ୍ରା, ଏ.ଇ.ଇ ମୁକ୍ତେଶ୍ୱର ମାଝୀ, ଜେ.ଇ ବିଜୟ ପୂର୍ତ୍ତି, ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି କୃତିବାସ ମିଶ୍ର ତଥା ଅଞ୍ଚଳର ଜନସାଧାରଣ, ଖେଳାଳୀ, କୋଚ ପ୍ରଭୃତି ଉପସ୍ଥିତ ଥିଲେ । ଏହି ଖେଳ ଉପକରଣ ଖେଳ ଓ ଖେଳାଳିଙ୍କ ନିମନ୍ତେ ଅପରିହାର୍ଯ୍ୟ ରହିଥିବା ବେଳେ ଏହା ଦ୍ୱାରା ଖେଳର ମାନ ବୃଦ୍ଧି ହେବା ସହିତ ଖେଳାଳୀଙ୍କୁ ମଧ ଖେଳ ପାଇଁ ଅଧିକ ଭାବରେ ଉତ୍ସାହିତ କରିବ ବୋଲି ଜିଲ୍ଲାପାଳ ଶ୍ରୀ ରାୟ କହିବା ସହ ଜିଲ୍ଲାର ଦକ୍ଷିଣିପାଲି ତୃଣମୂଳ ହକି ପ୍ରଶିକ୍ଷଣ କେନ୍ଦ୍ର ଆଗାମୀ ଦିନରେ ଜିଲ୍ଲାର ହକି ଖେଳ ପ୍ରତି ଅନେକ ନୂତନ ସମ୍ଭାବନା ସୃଷ୍ଟି କରିବ ବୋଲି ସୂଚନା ଦେଇଛନ୍ତି ।

# ସିଆରପିଏଫ୍ ପକ୍ଷରୁ ଆଥଲେଟିକ୍ ପ୍ରତିଯୋଗିତା

ସମ୍ବଲପୁର: ସିଆରପିଏଫ ପକ୍ଷରୁ ଗୋଶାଳା ସ୍ଥିତ ସିଆରପିଏଫ କେନ୍ଦ୍ରରେ ୨୪ତମ ଆନ୍ତଃ ସେକ୍ଟର ଆଥଲେଟିକ ପ୍ରତିଯୋଗିତା ୨୦୨୩ର ଶୁଭାରମ୍ଭ ହୋଇଛି । ଦେଶର ବିଭିନ୍ନ ପ୍ରାନ୍ତରୁ ସିଆରପିଏଫର ୨୧ ସେକ୍ଟରରୁ ମୋଟ ୩୮୨ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ । ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ ସମସ୍ତ ଖେଳାଳିଙ୍କୁ ଶୁଭକାମନା ଦେବା ସହ ଏହାର ଉଦଘାଟନ କରିଥିଲେ । ସିଆରପିଏଫର ଯବାନ ଖେଳାଳି ଭାବରେ ଅଲମ୍ପିକ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସୀୟ କ୍ରୀଡ଼ା ପରି ମହାମଞ୍ଚରେ ଭାଗ ନେଇ ପଦକ ଜିତି ଭାରତମାତାର ଗର୍ବ ଓ ଗୌରବ ସାଜିଛନ୍ତି ବୋଲି ଶ୍ରୀମତୀ ଦାସ କହିଥିଲେ ।

# ଭିସୁଟରେ ବିଶ୍ୱ ସ୍ଥାପତ୍ୟ ଦିବସ ପାଳିତ

ବୁର୍ଲା: ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ଆର୍କିଟେକ୍‌ଚର ବିଭାଗ ସହଯୋଗରେ ସମ୍ବଲପୁର ସବ୍ ସେଣ୍ଟର ସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍ (ଆଇଆଇଏ) ପକ୍ଷରୁ ଭିସୁଟ ଠାରେ 'ବିଶ୍ୱ ସ୍ଥାପତ୍ୟ ଦିବସ ପାଳିତ ହୋଇଯାଇଛି । ଏଥିରେ ଆର୍କିଟେକ୍ଟ ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରଫେସନାଲ ଆର୍କିଟେକ୍ଟ ଭିସୁଟର ପ୍ରଫେସରଙ୍କ ପ୍ରତିନିଧି ଦଳ ଏବଂ ଓଡ଼ିଶାର ଐତିହ୍ୟ ଓ ପାରମ୍ପରିକ ବସତି ଉପରେ ଛାତ୍ରଛାତ୍ରୀଙ୍କ ଉପସ୍ଥାପନା କାର୍ଯ୍ୟକ୍ରମକୁ ଆଲୋକିତ କରିଥିଲା । ସମ୍ବଲପୁର ସବ୍ ସେଣ୍ଟର ବରିଷ୍ଠ ଆର୍କିଟେକ୍ଟ ତଥା କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଆଇଆଇଏ ଅନିନ୍ଦିତ ଦାସ, ଇଆଇଏର ଅଧ୍ୟକ୍ଷ ଗିରିଧର ଅଗ୍ରୱାଲ, ଭିସୁଟର ସ୍ଥାପତ୍ୟ ବିଭାଗ ମୁଖ୍ୟ ଡ. ଭାରତୀ ମହାପାତ୍ର, ଭିତିଭୂମି ଓ ଯୋଜନା ବିଦ୍ୟାଳୟର ମୁଖ୍ୟ ପ୍ରଫେସର ସୁଧାଂଶୁ ଶେଖର ଦାସ, ଭିସୁଟର ଅବସରପ୍ରାପ୍ତ ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଉପାଧ୍ୟକ୍ଷ ନବୀନ ପନସାରୀ, ସମ୍ପାଦକ ଅଜିତ କୁମାର, ସମ୍ବଲପୁର ସବ୍‌ସେଣ୍ଟର ଆଇଆଇଏର କୋଷାଧ୍ୟକ୍ଷ ଆଶିଷ ନାଥ ପ୍ରମୁଖ ଭାଷଣ ଦେଇଥିଲେ ।

# ବୁର୍ଲା ଭାରତୀ କଳା ବିକାଶ କେନ୍ଦ୍ରରେ ନୂଆଁଖାଇ ଭେଟ୍

ସମ୍ବଲପୁର : ବୁର୍ଲା ଭାରତୀ କଳା ବିକାଶ କେନ୍ଦ୍ରରେ ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସଭାପତି ତଥା ବୁର୍ଲା ମୁଖ୍ୟବନ୍ଧ ବିଭାଗରେ ଅଧୀକ୍ଷଣ ଯନ୍ତ୍ରୀ ସୁଧୀର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭିମସାର୍‌ର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର୍ ବ୍ରଜମୋହନ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । କଳା ବିକାଶ କେନ୍ଦ୍ରର ଉପସଭାପତି ଆଇନଜୀବୀ ଲକ୍ଷ୍ମୀଧର ମହାନ୍ତି, ସମ୍ପାଦକ ନିରଞ୍ଜନ ପଟ୍ଟନାୟକ ମଞ୍ଚାସୀନ ଥିଲେ । କଳା ବିକାଶ କେନ୍ଦ୍ରର ଗୁରୁ ଶାନ୍ତିଲତା ବେହେରାଙ୍କ ନିର୍ଦ୍ଦେଶନାରେ କେନ୍ଦ୍ରର ଛାତ୍ର ଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ବାଦ୍ୟଯନ୍ତ୍ରରେ ରମାକାନ୍ତ ତାଣ୍ଡି, ଶଶିଭୂଷଣ ଦେହୁରୀ ଓ ଗଜେନ୍ଦ୍ର ବଘାର ସହଯୋଗ କରିଥିଲେ । ପରେ ଶିଶୁ କଳାକାରଙ୍କ ଦ୍ୱାରା ଓଡ଼ିଶୀ ଏବଂ ସମ୍ବଲପୁରୀ ନୃତ୍ୟ ଓଡ଼ିଶୀ ଗୁରୁ ଶିବ ଶଙ୍କର ମେହେର, ପୂଜା ପରମିତା ସାହୁ, ସୁପ୍ରସନ୍ନା ଦାସ ଓ ସତ୍ୟବ୍ରତ ସାହୁ, ରାକ୍ଷୀ ଦୀପ, ପଦ୍ମିନୀ ପ୍ରଧାନଙ୍କ ନିର୍ଦ୍ଦେଶନାରେ ପରିବେଷିତ ହୋଇଥିଲା । ନିକିତା ପାଣିଗ୍ରାହୀ, ପ୍ରମିଳା ତାଣ୍ଡି, ପାୟଲ ତ୍ରିପାଠୀ, ଖୁସି ସାହୁ ସହଯୋଗ କରିଥିଲେ । ଗଜେନ୍ଦ୍ର ବଘାରଙ୍କ ନିର୍ଦ୍ଦେଶନାରେ ତବଲା ବାଦକ ବିଦ୍ୟାର୍ଥୀଙ୍କ ଦ୍ୱାରା ତବଲା ବାଦନ ହୋଇଥିଲା । ଗୁରୁ ପ୍ରତିମା ମାହାନାଙ୍କ ଚିତ୍ରାଙ୍କନ ଶିକ୍ଷାର୍ଥୀଙ୍କ ମଧ୍ୟରେ ଚିତ୍ରାଙ୍କନ



ପ୍ରତିଯୋଗିତା ହୋଇଥିଲା । ଗୁରୁ ପୂଜନ କାର୍ଯ୍ୟକ୍ରମରେ ଗୁରୁ ଫଗୁନୁ ସେଠ, ଶିବ ଶଙ୍କର ମେହେର, ପୂଜା ପରମିତା ସାହୁ, ସୁପ୍ରସନ୍ନା ଦାସ, ସତ୍ୟବ୍ରତ ସାହୁ, ପଦ୍ମିନୀ ପ୍ରଧାନ, ରାକ୍ଷୀ ଦୀପ, ଗଜେନ୍ଦ୍ର ବଘାର, ପ୍ରତିମା ମାହାନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଚିତରଞ୍ଜନ ନାୟକ ସଂଯୋଜନା କରିଥିଲେ । ସଙ୍ଗଠନ ସମ୍ପାଦକ ପ୍ରମୋଦ ଦାଶ, ସାଂସ୍କୃତିକ ସମ୍ପାଦକ ରଶ୍ମିରଞ୍ଜନ ଶତପଥୀ ଓ କୈଳାସ ଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ । କାଳୀଚରଣ ପାଢ଼ୀ, ରାମକୃଷ୍ଣ ରଥ, ଅଶ୍ୱିନୀ ଆଚାର୍ଯ୍ୟ, ଅଚ୍ୟୁତା ଠେଲା, ସିଦ୍ଧାର୍ଥ ପଣ୍ଡା, ଅର୍ଜୁନ ମେହେର, ଶିବ ଶଙ୍କର ପ୍ରଧାନ, ମହେନ୍ଦ୍ର ପଞ୍ଚବିହାର, ସୁକାନ୍ତ ତାଣ୍ଡି, ପୀତବାସ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଆଇନଜୀବୀ ଲକ୍ଷ୍ମୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମହିଧର ରଣା ହେଲେ ବିଧାନସଭା ପିୟୁସିର ଅଧ୍ୟକ୍ଷ

ବୌଦ୍ଧ: କଂଟାମାଳ ବିଧାୟକ ମହିଧର ରଣାଙ୍କୁ ବିଧାନସଭା ପବ୍ଲିକ ଅଣ୍ଡରଟେକିଂ କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ଏହି ଖବର ଜଣାପଡିବା ପରେ କଂଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଂଚଳରେ ଖୁସିର ଲହରି ଖେଳିଯାଇଛି । ନୂତନ ନିଯୁକ୍ତି ପାଇଁ କଂଟାମାଳ ବିଧାୟକ ମହିଧର ରଣାଙ୍କୁ ଦଳୀୟ କର୍ମୀ, ନେତା, ସାଧାରଣ ଲୋକେ ଶୁଭେଚ୍ଛା ଜଣାଇଛନ୍ତି ।

# ସ୍ମରଣିକା ପାଇଁ ଲେଖା ଆବଶ୍ୟକ

ସମ୍ବଲପୁର: ଆସନ୍ତା ଡିସେମ୍ବର ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ଗାୟତ୍ରୀ ପରିବାର ଟ୍ରଷ୍ଟ ପକ୍ଷରୁ ରେମେଡ଼ ଠାରେ ଆୟୋଜିତ ହେବାକୁ ଥିବା ୧୦୮ କୁଣ୍ଡୀୟ ନବ ଚେତନା ଜାଗରଣ ଗାୟତ୍ରୀ ମହାଯଜ୍ଞ ଅବସରରେ ଏକ ସ୍ମରଣିକା ପ୍ରକାଶ କରିବା ପାଇଁ ସ୍ଥିର ହୋଇଛି । ସ୍ମରଣିକାରେ ଯଜ୍ଞର ମହତ୍ତ୍ୱ, ଗାୟତ୍ରୀ ମନ୍ତ୍ରର ମାହାତ୍ମ୍ୟ ଏବଂ ଆଧାତ୍ମିକ ଲେଖା ଗୁଡିକ ସ୍ଥାନ ପାଇବ । ଆଗ୍ରହୀ ଲେଖକ ମାନେ ଆସନ୍ତା ନଭେମ୍ବର ମାସ ଶେଷ ସୁଦ୍ଧା ଲେଖା ଗୁଡିକୁ ସ୍ମରଣିକାର ମୁଖ୍ୟ ସମ୍ପାଦକ ହେମନ୍ତ କୁମାର ମହାପାତ୍ର, ମୁଦିପଡ଼ା, ସମ୍ବଲପୁର- ୭୬୮୦୦୨ ଠିକଣାରେ ପଠାଇବାକୁ ଗାୟତ୍ରୀ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି ।

# ମହିଳାଙ୍କୁ ଛତା ବାଣ୍ଟିଲା ଜାଗୃତି ମହିଳା ମଣ୍ଡଳ

ବୁର୍ଲା : ଜାଗୃତି ମହିଳା ମଣ୍ଡଳର ସମର୍ପଣ କାର୍ଯ୍ୟକ୍ରମ ଅଧିନରେ ଜାଗୃତି ବିହାର କଲୋନୀରେ ଘରୋଇ କାମ କରୁଥିବା ମହିଳାମାନଙ୍କୁ ଛତା ବଣ୍ଟନ କରାଯାଇଥିଲା । ଜାଗୃତି ମହିଳା ମଣ୍ଡଳର ସଭାପତି ପଦ୍ମଜା ସିଂହ ତିନି ଜଣ ଉପସଭାପତି ସରିତା ପଟେଲ ଅଲପନା ଶୁକ୍ଲା, ରାଓ ଏବଂ ଅଞ୍ଜଳି ବାପଟଙ୍କ ଉପସ୍ଥିତିରେ ମହିଳାମାନଙ୍କୁ ଛତା ବଣ୍ଟନ କରିଥିଲେ ।

# ପିତୃପକ୍ଷ କଣ ଆସନ୍ତୁ ଜାଣିବା

ହିନ୍ଦୁ ଧାର୍ମିକ ପରମ୍ପରାରେ ପିତୃପୁରୁଷଙ୍କ ପାଇଁ ପାଳନ କରାଯାଉଥିବା ବିଭିନ୍ନ ଶ୍ରାଦ୍ଧ କର୍ମ ମଧ୍ୟରେ ମହାଳୟା ଶ୍ରେଷ୍ଠତମ । ଏହି ଅବସରରେ ପିତୃ ପକ୍ଷରେ ଯେକୌଣସି ଦିନ ନିଜର ସାଧ ମତେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଓ ବ୍ରାହ୍ମଣ ଭୋଜନ ଦିଆଯାଏ । ଏହାଦ୍ୱାରା ପୁଣ୍ୟ ଲାଭ ଏବଂ ବଂଶର ଉତ୍ତର ପିଢ଼ିର ସକଳ ଉନ୍ନତି ହେଉଥିବା ବିଶ୍ୱାସ କରାଯାଏ ।

ଆଶ୍ୱିନ ମାସର ପ୍ରଥମ ପକ୍ଷକୁ 'ପିତୃପକ୍ଷ' କୁହାଯାଏ । ଏହି ପକ୍ଷର ଅମାବାସ୍ୟା 'ମହାଳୟା ଅମାବାସ୍ୟା' ନାମରେ ପାଳିତ ହୁଏ । ପିତୃଗଣଙ୍କ ଉଦ୍ଦେଶ୍ୟରେ ଦାନ ଓ ଉତ୍ସର୍ଗ ଆଦି ପାଳନ କରାଯାଉଥିବାରୁ ଏହାକୁ 'ପିତୃପର୍ବ' ମଧ୍ୟ କୁହାଯାଏ । ଆଶ୍ୱିନ ମାସ କୃଷ୍ଣ ପକ୍ଷ ପ୍ରତିପଦାଠାରୁ ଅମାବସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନ ଯାଏଁ ପିତୃପକ୍ଷ ପାଳନ କରାଯାଏ । ତେବେ ଚତୁର୍ଦ୍ଦଶୀ ଯାଏଁ ତର୍ପଣ କଲାପରେ ଅମାବସ୍ୟା ଦିନ ପିଣ୍ଡଦାନ କରାଯାଏ । ହିନ୍ଦୁ ଧାର୍ମିକ ପରମ୍ପରାରେ ପିତୃପୁରୁଷଙ୍କ ପାଇଁ ପାଳନ କରାଯାଉଥିବା ବିଭିନ୍ନ ଶ୍ରାଦ୍ଧ କର୍ମ ମଧ୍ୟରେ ମହାଳୟା ଶ୍ରେଷ୍ଠତମ । ଏହି ଅବସରରେ ପିତୃ ପକ୍ଷରେ ଯେକୌଣସି ଦିନ ନିଜର ସାଧ ମତେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଓ ବ୍ରାହ୍ମଣ ଭୋଜନ ଦିଆଯାଏ । ଏହାଦ୍ୱାରା ପୁଣ୍ୟ ଲାଭ ଏବଂ ବଂଶର ଉତ୍ତର ପିଢ଼ିର ସକଳ ଉନ୍ନତି ହେଉଥିବା ବିଶ୍ୱାସ କରାଯାଏ ।

କିମ୍ବଦନ୍ତୀ ଅନୁସାରେ, ମହାଦାନୀ କର୍ଣ୍ଣଙ୍କୁ ଯମପୁରରେ ପୁରସ୍କାର ସ୍ୱରୂପ ସୁନା, ରୁପା ମିଳିଥିଲା । କିନ୍ତୁ ତାଙ୍କୁ ଖାଦ୍ୟ ଦିଆଯାଇ ନ ଥିଲା । କାରଣ କର୍ଣ୍ଣ ଜୀବିତାବସ୍ଥାରେ କେବେ ଅନ୍ନଦାନ କରି ନ ଥିଲେ । ଯମରାଜଙ୍କୁ ପ୍ରାର୍ଥନା କରି ସେ ଚଉଦ ଦିନ ପାଇଁ ମର୍ତ୍ତ୍ୟକୁ ଆସିଥିଲେ ଏବଂ ବ୍ରାହ୍ମଣ ତଥା ଗରିବମାନଙ୍କୁ ଅନ୍ନଦାନ ଦେଇଥିଲେ । ୧୪ ଦିନ ଶେଷ ହେବା ପରେ ସେ ପୁଣି ଯମପୁର ଫେରିଯାଇଥିଲେ । ସେଠାରେ ପହଞ୍ଚିଲା ପରେ ତାଙ୍କୁ ଆଉ ଅନ୍ନରୁ ବଞ୍ଚିତ କରାଯାଇ ନ ଥିଲା । ମର୍ତ୍ତ୍ୟଲୋକରେ କର୍ଣ୍ଣ କଟାଇଥିବା ସେହି ଚଉଦ ଦିନକୁ ପିତୃ ପକ୍ଷ କୁହାଯାଏ ।

ପିତୃପକ୍ଷ ପାଳନରେ ସତର୍କତା: ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରିବା ଏବଂ ସେମାନଙ୍କ ଆଶୀର୍ବାଦ ପାଇବା ପାଇଁ, ଯିଏ ୧୫ ଦିନ ପର୍ଯ୍ୟନ୍ତ ଶ୍ରଦ୍ଧାରେ ରୀତିନୀତି କରନ୍ତି, ସେମାନେ ଏହି ସମୟ ମଧ୍ୟରେ କେଶ ଏବଂ ନିଶ ଦାଢି କାଟିବା ଅନୁଚିତ । କୁହାଯାଏ ଯେ, ପିତୃ ପକ୍ଷରେ କେଶ ଏବଂ ନିଶ ଦାଢି କାଟିବା ଦ୍ୱାରା ଅର୍ଥ ହାନୀ ହୋଇଥାଏ । ଏପରି ପରିସ୍ଥିତିରେ, ଯେଉଁମାନେ ପିତୃପୁରୁଷଙ୍କ ପାଇଁ ତର୍ପଣ କରନ୍ତି, ସେମାନେ ଏହାର ବିଶେଷ ଯତ୍ନ ନେବା ଉଚିତ୍ ।

ପିତୃପକ୍ଷରେ ଘରେ ସାତ୍ୱିକ ଖାଦ୍ୟ ରହିବା ଭଲ । ରସୁଣ, ପିଆଜରେ ପ୍ରସ୍ତୁତ ଖାଦ୍ୟ ସେବନ କଲେ ପିତୃ ଦୋଷ ଲାଗିଥାଏ । ବିଶେଷକରି ଯେଉଁମାନେ ପିତୃପକ୍ଷ ଉପରେ ଦୈନିକ ତର୍ପଣ କରନ୍ତି ସେମାନେ ତମସିକ ଖାଦ୍ୟରୁ ଦୂରେଇ ରହିବା ଉଚିତ୍ । ଯଦି ପିତୃପୁରୁଷଙ୍କ ମୃତ୍ୟୁ ତାରିଖି ମନେ ପଡ଼େ, ତେବେ ତାରିଖି ଅନୁଯାୟୀ ପିଣ୍ଡ ଦାନ କରିବା ଭଲ ।

ପିତୃପକ୍ଷ ଓ ତର୍ପଣ: 'ଶ୍ରଦ୍ଧୟା ପିତୃନ୍ ଉଦିଶ୍ୟ ବିଧିନା କ୍ରିୟତେ ଯକ୍ରର୍ମ ତତ୍ ଶ୍ରାଦ୍ଧମ୍।' ସ୍ୱ ପିତୃଗଣଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାରେ ବିଧିପୂର୍ବକ ଯେଉଁ କର୍ମ କରାଯାଏ ତାହାକୁ ଶ୍ରାଦ୍ଧ କୁହାଯାଏ । ଅର୍ଥାତ :- 'ଶ୍ରଦ୍ଧାର୍ଥମିଦଂ ଶ୍ରାଦ୍ଧମ୍' । ଶ୍ରଦ୍ଧାରୁ ଶ୍ରାଦ୍ଧ । ହିନ୍ଦୁ ପରମ୍ପରା ରେ ଶ୍ରାଦ୍ଧ, ତର୍ପଣାଦି ଅନୁଷ୍ଠାନ କରିବା ପ୍ରଥା ବହୁ ପ୍ରାଚୀନ । ବିଭିନ୍ନ ପୁରାଣ ଗ୍ରନ୍ଥ ତଥା ଶାସ୍ତ୍ର ମାନେ ପିତା ପିତରଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେବା ଏବଂ



ନିଜର ପରିଜନ ମାନେ ଏହି ପିତୃକାର୍ଯ୍ୟ ରେ ସହଭାଗିତା ହେବା ପାଇଁ ବାରମ୍ବାର ଉଦ୍ ଘୋଷଣା କରିଛନ୍ତି ।

ଆୟୁଃ ପ୍ରଜାଂ ଧନଂ ବିଦ୍ୟାଂ ସ୍ୱର୍ଗ ମୋକ୍ଷଂ ସୁଖାନି ଚ । ପ୍ରୟଚ୍ଛନ୍ତି ତଥା ରାଜ୍ୟଂ ପିତରଃ ଶ୍ରାଦ୍ଧତର୍ପିତାଃ ।

(ମାର୍କଣ୍ଡେୟପୁରାଣ)

ଭାବାର୍ଥ:- ଶ୍ରାଦ୍ଧରେ ସନ୍ତୁଷ୍ଟ ହୋଇ ପିତୃଗଣ ଶ୍ରାଦ୍ଧକର୍ତ୍ତାର ଦୀର୍ଘ ଆୟୁ,, ସନ୍ତାନ ସନ୍ତତି, ଧନ, ବିଦ୍ୟା, ରାଜ୍ୟ, ସୁଖ,ସ୍ୱର୍ଗ ଓ ମୋକ୍ଷ ପ୍ରଦାନ କରିଥାନ୍ତି ।

ପୁତ୍ରୋ ବା ଭ୍ରାତରୋ ବାପି ଦୌହିତ୍ରଃ ପୌତ୍ରକସ୍ତଥା । ପିତୃକାର୍ଯେ ପ୍ରସକ୍ତା ଯେ ତେ ଯାନ୍ତି ପରମାଂ ଗତିଂ।। (ଅତ୍ରିସଂହିତା)

ଭା ବା ର୍ଥ :- ଯେ ଉଁ ପୁଅ,ଭାଇ,ନାତି,ଭଣଜା ଆଦି ପିତୃକାର୍ଯ୍ୟ (ଶ୍ରାଦ୍ଧ ଅନୁଷ୍ଠାନ) ରେ ସଲଗ୍ନ ରୁହନ୍ତି,ସେମାନେ ନିଶ୍ଚୟ ଆୟୁପୂର୍ଣ୍ଣ ପରେ ପରମଗତି କୁ ପ୍ରାପ୍ତ ହୁଅନ୍ତି ।

ଅବିସ୍ମରଣୀୟ କାଳରୁ ଶ୍ରାଦ୍ଧ ପରମ୍ପରା । ଏହି ସନାତନୀ ପରମ୍ପରା ରେ ହିନ୍ଦୁ ମାନେ ସ୍ୱଃ ପିତାଙ୍କୁ ରୁଦ୍ର ରୂପେ, ପିତାମହଙ୍କୁ ବସୁ ରୂପେ ଓ ପ୍ରପିତାମହଙ୍କୁ ଆଦିତ୍ୟ ରୂପେ ଅଭିହିତ କରିଥାଆନ୍ତି । ଅତଃ, ସ୍ୱ ପିତା, ନିଜ ନିଜର ପୁତ୍ର ପାଇଁ ସର୍ବସ୍ୱ । ପ୍ରତ୍ୟକ ପୁତ୍ର ନିଜର ଜୀବଦଶା ମଧ ରେ ସ୍ୱପିତା (ଜୀବିତ/ମୃତ)ଙ୍କୁ ଯଥୋଚିତ ସମ୍ମାନ ଦେବା ପାଇଁ ଶାସ୍ତ୍ର ମାନେ ମତବ୍ୟକ୍ତ କରିଛନ୍ତି । ଏଣୁ ଶାସ୍ତ୍ର କୁହନ୍ତି, ଯେଉଁ ବ୍ୟକ୍ତି ଜୀବିତ ଅବସ୍ଥାରେ ନିଜର ମାତା-ପିତାଙ୍କ ଅନାଦର କରନ୍ତି ତଥା ମୃତ୍ୟୁପରେ ଶ୍ରାଦ୍ଧ-ତର୍ପଣ କରନ୍ତି ନାହିଁ ଅଥବା ନିରପରାଧ କୌଣସି ପ୍ରାଣୀଙ୍କର ହତ୍ୟାକରନ୍ତି ତେବେ ଆଗାମୀ ଜନ୍ମରେ ତାଙ୍କ ଜନ୍ମ କୁଣ୍ଡଳୀରେ ପିତୃ ଦୋଷ ପରିଲକ୍ଷିତ ହୁଏ । ଏହି ପିତୃ ଦୋଷ ରୁ ଅନେକ ଅଶୁଭ ପ୍ରଭାବ ଅନୁଭୂତ ହୁଏ । ସର୍ବୋପରି ବ୍ରହ୍ମ ପୁରାଣ ପିତୃ ଗାୟତ୍ରୀ ନିତ୍ୟ ଜପ କରିବାକୁ ଉପଦେଶ ଦିଅନ୍ତି ।

"ଦେବତାଭ୍ୟଃ ପିତ୍ରଭ୍ୟଶ୍ଚ ମହା ଯୋଗିଭ୍ୟ ଏବ ଚ,

ନମଃ ସ୍ୱାହାୟୈ ସ୍ୱଧାୟୈ ନିତ୍ୟ ମେବ ନମୋ ନମଃ ?

ବ୍ରହ୍ମ ପୁରାଣ ସ୍ଥିତ ପିତୃ ଗାୟତ୍ରୀ)

ମୁଖ୍ୟତଃ ସନାତନୀ ପରମ୍ପରା ରେ ଦୁଇପ୍ରକାର ଶ୍ରାଦ୍ଧ ପାଳିତ ହୋଇ ଆସୁଅଛି, ୧-ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ୨-ପାର୍ବଣ ଶ୍ରାଦ୍ଧ । ପୁନଶ୍ଚ ପାର୍ବଣ ଶ୍ରାଦ୍ଧ ହେଉଛି ଦୁଇ ପ୍ରକାର, ଯଥା:- ପୟା ଶ୍ରାଦ୍ଧ ଏବଂ ମହାଳୟା ଶ୍ରାଦ୍ଧ । ସାଧାରଣତଃ ଏହି ଦୁଇଟି ଶ୍ରାଦ୍ଧ ଶାରଦୀୟ ପାର୍ବଣ ଋତୁ ଆଶ୍ୱୀନ ଅମାବାସ୍ୟା ଏବଂ କାର୍ତ୍ତିକ ଅମାବାସ୍ୟା ରେ ଯଥାକ୍ରମେ ପାଳିତ ହୁଏ । ଆଶ୍ୱୀନ କୃଷ୍ଣ ପକ୍ଷ ୧୫ ଦିନ ବିଶେଷ ଭାବେ ପିତୃ ମାନଙ୍କୁ ସମର୍ପିତ, ଏହା 'ମଉଳା ଶ୍ରାଦ୍ଧ' ନାମରେ ମଧ ନାମିତ ।

ତୃପ୍ତିରୁ ତର୍ପଣ ଯାହା ବିଶେଷ ଭାବେ ପିତୃପକ୍ଷ ରେ କରାଯାଇଥାଏ । ଏହି ତର୍ପଣ ର ବିଶେଷତା ହେଉଛି ଏକଧାରରେ ୧୪ପୁରୁଷଙ୍କ ସହ ଦେବତା, ଋଷି, ରାକ୍ଷାସ, ଭୂତଗ୍ରାମ, ନଦୀ, ସମୁଦ୍ର ଆଦି ଅନେକ ଙ୍କୁ ତୃପ୍ତି କରାଯାଏ । ରବି କନ୍ୟା ରାଶିସ୍ଥିତ ଅମାବାସ୍ୟା, 'ମହାଳୟା' ଅମାବାସ୍ୟା ଦିନ ଏହି ତର୍ପଣ ପର୍ବ ଉଦ୍ୟାପିତ ହୋଇ ବୈଶ୍ୟଦେବଙ୍କ ସହ ମଉଳା ଶ୍ରାଦ୍ଧ ସମ୍ପନ୍ନ କରାଯାଇଥାଏ । ସମସ୍ତ ପ୍ରକାର ତର୍ପଣ ରେ ବ୍ୟବହୃତ 'କୁଶ'ର ମହତ୍ୱ ଅନେକ । ସଂକ୍ଷେପରେ ଏହିପରି ।

'କୁଶାଗ୍ରଦେବତାନାଂ ଚ ମନୁଷ୍ୟଣାଂ ଚ ମଧମମ । ପିତୃଣାଂ ମୂଳମଗ୍ରଂ ଚ ତର୍ପଣେ ସମୁଦୀରୟତ ।

(ଅର୍ଥାତ :- ଦେବତା ମାନଙ୍କୁ କୁଶର ମୂଳ ଭାଗରେ, ମନୁଷ୍ୟ ମାନଙ୍କୁ କୁଶ ର ମଧ ଭାଗ ରେ ଏବଂ ପିତୃ ମାନଙ୍କୁ କୁଶର ମୂଳ ଓ ଅଗ୍ର ଭାଗରେ ତର୍ପଣ ପ୍ରଶସ୍ତ ବୋଲି ଜାଣିବାକୁ ହେବ ।)

ତର୍ପଣ ପାଇଁ ନିର୍ଦ୍ଦିଷ୍ଟ ଥିବା ବହୁ ନିୟମ ତନ୍ମଧ୍ୟରୁ କେତେ ଗୋଟି ଏହିପରି ।

ତର୍ପିତା ପୂର୍ବଦିଗକୁ ମୁଖକରି ୩ଗୋଟି କୁଶ ଏବଂ ଜବ ମିଶ୍ରିତ ଜଳରେ ୧ଥର ଲେଖାଁଏ ଜଳ ପ୍ରଦାନ କରି ଦେବତା ମାନଙ୍କୁ ତୃପ୍ତ କରିବେ ବା ତର୍ପଣ କରିବେ ।

ଦକ୍ଷିଣ ଦିଗକୁ ମୁଖ କରି ବ୍ୟାସ,ଭାଷରି ଆଦି ତେର ଜଣ ଆଚାର୍ଯ୍ୟ, ଷଟୀ,ଭାଲର୍ବ ଆଦି ଦଶ ଜଣ ପ୍ରବଚନ କର୍ତ୍ତା, ଅନଳ ଆଦି ଅଷ୍ଟ' ଦିବ୍ୟ ପିତର' ଏବଂ ଯମଙ୍କର ଚଉଦ ଗୋଟି ସ୍ୱରୂପକୁ ତିନିଗୋଟି କୁଶସହ ତିଳ ମିଶ୍ରିତ ଜଳ ରେ ତର୍ପଣ କରିବେ । ଏହାପରେ କ୍ରମାନ୍ୱୟ ରେ 'ସାଧାରଣ ପିତର' ନିଜର ପିତୃ ପୁରୁଷ (୧୪ପୁରୁଷ) ଙ୍କୁ ଆବାହନ କରି ପ୍ରତ୍ୟକଙ୍କୁ ୩ଥର ଲେଖାଏଁ ଓ ଖୁଡୁତା, ଭଗିନୀ, ପିଉସୀ ଆଦି (ଇଛାଧିନ) ମାନଙ୍କୁ ୧ଥର ଲେଖାଏଁ ଜଳତିଳ ଦାନ କରି ତର୍ପଣ କରିବେ ।

ଉତ୍ତର ଦିଗକୁ ମୁଖ କରି ସନକ, ସନନ୍ଦ, ସନାତନ ଆଦି ସପ୍ତଋଷି ଙ୍କୁ ମନୁଷ୍ୟ ତୀର୍ଥରେ ପ୍ରତ୍ୟକଙ୍କୁ ୨ଥର ଲେଖାଏଁ ଜଳ ଦାନ କରି ତର୍ପଣ କରିବେ ।

ପରିଶେଷରେ ପଶ୍ଚିମ କୁ ମୁଖ କରି ଭଗବାନ ବିଷ୍ଣୁ ଙ୍କୁ ସ୍ମରଣ କରି ତର୍ପଣ ଶେଷ କରିବେ ।

ଓଁ ଅଗ୍ୟାଁନାତ୍ ଯଦିବାମୋହାତ୍ ପ୍ରାଚ୍ୟବେତା ଧ୍ୱରେଷୁ ଯତ୍ ସ୍ମରଣାଦେବତ୍ ବିଷ୍ଣୋଃ ସଂମ୍ପୂର୍ଣ୍ଣଂ ସ୍ୟାଦିତି ଶ୍ରୁତିଃ ।

ଓଁ ପ୍ରିୟତାଂ ପୁଣ୍ଡରୀରାକ୍ଷଃ ସର୍ବଯଜ୍ଞେଶ୍ୱରୋ ହରିଃ , ତସ୍ମିନ ତୁଷଚ୍ଛ ଜଗତ୍ ତୁଷ୍ଟଂ ପ୍ରୀଣିତେ ପ୍ରୀଣିତଂ ଜଗତ୍ ।

ସନାତନୀ ପରମ୍ପରାର ଶ୍ରେଷ୍ଠ ପର୍ବ, ପିତୃପର୍ବ 'ମହାଳୟା । ସର୍ବ ମୂଳ ରେ ସ୍ୱଃ ପିତା ପିତର । ଅତେ୍ୟବ ସ୍ୱଃ ପିତା ତଥା ପିତର ଙ୍କ ସନ୍ତୁଷ୍ଟି ବିଧାନ ଏକାନ୍ତରେ ସର୍ବଦା ବିଧେୟ ।

'ଅର୍ଚ୍ଚିତାନାମମୂର୍ତ୍ତାନାଂ ପିତୃଣାଂ ଦୀପ୍ତତେଜସାମ । ନମସ୍ୟାମି ସଦା ତେଷାଂ ଧ୍ୟାନିନାଂ ଦିବ୍ୟଚକ୍ଷୁଷାମ୍ ।

(ମାର୍କଣ୍ଡେୟ ପୁରାଣ)

ଅର୍ଥାତ :- ଯେ ସମସ୍ତଙ୍କ ଦ୍ୱାରା ପୂଜିତ, ଅମୂର୍ତ୍ତ , ତେଜସ୍ୱୀ, ଧ୍ୟାନୀ ତଥା ଦିବ୍ୟଦୃଷ୍ଟି ସମ୍ପନ୍ନ ଅଟନ୍ତି ସେହି ପିତରଙ୍କୁ ମୁଁ ସର୍ବଦା ନମସ୍କାର କରୁଛି ।

ପରିଶେଷ ରେ ଏତିକି କୁହାଯାଇ ପାରେ :-

ଯୋଽନେନ ବିଧିନା ଶ୍ରାଦ୍ଧଂ କୁର୍ଯାଦ୍ ବୈ ଶାନ୍ତମନସଃ ବ୍ୟପେତକଲ୍ମଷୋ ନିତ୍ୟଂ ଯାତି ନାବର୍ତତେ ପୁନଃ ।

(ଯେଉଁ ପ୍ରାଣୀ ବିଧିପୂର୍ବକ ଶାନ୍ତମନରେ ଶ୍ରାଦ୍ଧ କରେ, ସେ ସମସ୍ତ ପାପରୁ ମୁକ୍ତି ପାଇ ସଂସାର ଚକ୍ରରେ ପଡେ ନାହିଁ ।) ।

ଅତେ୍ୟବ ପିତୃଗଣଙ୍କ ସନ୍ତୁଷ୍ଟାର୍ଥେ ତଥା ନିଜର ଏବଂ ନିଜ ପରିବାରର କଲ୍ୟାଣ ପାଇଁ ଅବଶ୍ୟ ଶ୍ରାଦ୍ଧ କରିବା ଉଚିତ ।

# ଖାଦ୍ୟ ଲୋଭ ନିୟନ୍ତ୍ରଣ କରେ ଶାଗ



ଆବଶ୍ୟକତାଠାରୁ ଅଧିକ ଖାଇବାର ଲାଳସାକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ ନିୟମିତ ଶାଗ ଖାଆନ୍ତୁ । ଏଥିରେ ଥିବା ଥାଇଲାକ୍ ଏଡସ୍ ଅଧିକ ଖାଦ୍ୟ ଖାଇବା ଆଗ୍ରହକୁ ନିୟନ୍ତ୍ରଣରେ ରଖେ । ଫଳରେ ଶରୀରରେ କାଲୋରି ପରିମାଣ ଠିକ୍ ରହେ । ଆମେରିକାର ଲୁଇସିଆନାସ୍ଥିତ ପେନିଙ୍ଗଟନ୍ ବାୟୋମେଡିକାଲ୍ ରିସର୍ଚ୍ଚ ସେଣ୍ଟରର୍ ବିଶେଷଜ୍ଞମାନେ ଏ ବାବଦରେ ଗବେଷଣା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ।

## ଆଜିର ଚିନ୍ତନ

ଦାନ୍ ଏପରି ଏକ କ୍ରିୟା, ଯାହା ମନୁଷ୍ୟକୁ ସର୍ବୋଚ୍ଚ ଶିଖରରେ ବସାଇଥାଏ । ପୁରାଣ ଯୁଗରୁ ଦାନର ମହତ୍ତ୍ୱ ବିଷୟରେ ବର୍ଣ୍ଣନା ଦେଖିବାକୁ ମିଳେ । ଦାନବୀର ହରିଶ୍ଚନ୍ଦ୍ର ନିଜର ସର୍ବସ୍ୱ ଗୁରୁଙ୍କୁ ଦାନ ଦେବା, ରାଜା ବଳି ବାମନଙ୍କୁ ତିନି ପାଦ ଭୂମି ଦେବାର ସଂକଳ୍ପ କରି ନିଜେ ପାତାଳଗାମୀ ହେବା, ମହାଦାନୀ କର୍ଣ୍ଣ ନିଜ ଅଙ୍ଗର ସୁରକ୍ଷା କରୁଥିବା କବଚକୁଣ୍ଡଳ ଦାନ ଦେଇଥିବା ବେଳେ ଶିବି ରାଜା ନିଜ ଶରୀରର ମାଂସ, ଜୀମୂତବାହନ ନିଜ ଜୀବନ ଏବଂ ଦଧିଚି ନିଜର ଅସ୍ଥିକୁ ବଜ୍ର କରିବା ପାଇଁ ଦାନ କରିଥିଲେ । ଦାନର ମହିମା ଯୁଗେ ଯୁଗେ ସର୍ବଜନ ବିଦିତ । ଦାନ ଦ୍ୱାରା ମନୁଷ୍ୟର ଅନେକ ସୁଗୁଣ ବୃଦ୍ଧି ପାଇଥାଏ ।

ହିନ୍ଦୁ ଧର୍ମାନୁସାରେ ଦାନ ପାଇଁ ଅନେକଗୁଡ଼ିଏ ବିଷୟ ନିଆଯାଇଛି । ଯଥା - ଗୋ, ଭୂମି, ହିରଣ୍ୟ, କନ୍ୟା, ଅନ୍ନ, ବସ୍ତ୍ର, ତିଳ, ଜଳ ଏବଂ ବିଦ୍ୟା ଇତ୍ୟାଦି । କ୍ଷୁଧାର୍ତ୍ତକୁ ଅନ୍ନ ଦାନ, ତୃଷାର୍ତ୍ତକୁ ଜଳଦାନ ଆଦିକୁ ଶ୍ରେଷ୍ଠ ଦାନ ବୋଲି କୁହାଯାଉଥିବା ବେଳେ ବିଦ୍ୟାଦାନକୁ ତାହା ଠାରୁ ଅଧିକ ଶ୍ରେଷ୍ଠ ବୋଲି ବିବେଚନା କରାଯାଇଛି । ବିଦ୍ୟା ମଣିଷକୁ ବିନୟ ଗୁଣ ପ୍ରଦାନ କରିବା ସହ ବିବେକାନୁମୋଦିତ କରିଥାଏ । ବିଦ୍ୟା ଦାନ କରିବା ଦ୍ୱାରା ଦାତାଙ୍କର ଜ୍ଞାନ ବୃଦ୍ଧି ହୋଇଥାଏ । ଦାନେନ ନକ୍ଷୟଂ ଯାନ୍ତି ବିଦ୍ୟାରତ୍ନଂ ମହାଧନଂ । ଶାସ୍ତ୍ରରେ ବର୍ଣ୍ଣିତ ଅଛି - 'ଅନ୍ନ ଦାନାତ୍ ପରଂ ଦାନଂ ବିଦ୍ୟା ଦାନଂ ମତଃ ପରମ୍, ଅନ୍ନେନ କ୍ଷଣିକା ତୃପ୍ତି ଯାବତ୍ ଜୀବେତୁ ବିଦ୍ୟୟା ।' ଅନ୍ନ ଦାନ ଦ୍ୱାରା କ୍ଷୁଧାର୍ତ୍ତ ସ୍ୱଳ୍ପ ସମୟ ପାଇଁ କ୍ଷୁଧା ନିବାରଣ ପୂର୍ବକ ତୃପ୍ତି ପାଉଥିବା ବେଳେ ବିଦ୍ୟାର୍ଥୀକୁ ବିଦ୍ୟା ଦାନ ଦ୍ୱାରା ତା'ର ଜୀବନ ସାରା କାମରେ ଆସି ଆନନ୍ଦ ପ୍ରଦାନ କରିଥାଏ । ଏଣୁ ବିଦ୍ୟାଦାନକୁ ସର୍ବଶ୍ରେଷ୍ଠ ଦାନ ବୋଲି କୁହାଯାଏ । ବିବାହ ସମୟରେ ବର ଓ କନ୍ୟାଙ୍କୁ ନାରାୟଣ ଓ ଲକ୍ଷ୍ମୀଙ୍କ ରୂପ ବୋଲି କୁହାଯାଏ । ଏହି ପରିସ୍ଥିତିରେ କନ୍ୟା ପିତା ନିଜର ଲକ୍ଷ୍ମୀ ସ୍ୱରୂପା କନ୍ୟାକୁ ବର ହାତରେ ଅର୍ପଣ କରିଥାନ୍ତି । ଏହି କାରଣରୁ କନ୍ୟାଦାନକୁ ମହାଦାନ ବୋଲି କୁହାଯାଇଥାଏ । ଦାନ କର୍ମ ଦ୍ୱାରା ମନର ପବିତ୍ରତା ଓ ଶୁଦ୍ଧତା ବଢ଼େ ।

ଭର୍ତ୍ତୃହରି 'ଶତକତ୍ରୟ'ରେ ଲେଖିଛନ୍ତି - ଯେଉଁମାନଙ୍କର ତପ, ଦାନ, ଗୁଣ, ଧର୍ମ ପ୍ରଭୃତି ନାହିଁ ସେମାନେ ପୃଥିବୀ ପାଇଁ ଭାର ସଦୃଶ । ସେମାନେ ରୂପରେ ମନୁଷ୍ୟ ହେଲେ ମଧ ଗୁଣରେ ପଶୁତୁଲ୍ୟ ଅଟନ୍ତି । ଉପନିଷଦରେ ମଧ କୁହାଯାଇଛି - ଶ୍ରଦ୍ଧୟା ଦେୟମ୍ । ଅଶ୍ରଦ୍ଧୟା ଅଦେୟମ । କ୍ରୀୟା ଦେୟମ । ଶ୍ରୀୟା ଦେୟମ୍ । ଅର୍ଥାତ୍ ଶ୍ରଦ୍ଧାର ସହ ଦାନ କର । ନିଜର ସାମର୍ଥ୍ୟ ଅନୁସାରେ ଦାନ ଦେବା ଉଚିତ୍ । ଏପରି ବସ୍ତୁ ଦାନ କର ଯାହା ଦ୍ୱାରା ନିଜକୁ କୌଣସି ସ୍ଥାନରେ ଲଜ୍ଜିତ ହେବାକୁ ପଡ଼ିବ ନାହିଁ । ଧର୍ମ ଓ ନେତୃତ୍ୱର ପ୍ରତୀକ ଭାବେ ଦାନକୁ ବର୍ଣ୍ଣନା କରାଯାଇଛି ।

ହସ୍ତସ୍ୟ ଭୂଷଣ ଦାନଂ ସତ୍ୟ କଣ୍ଠସ୍ୟ ଭୂଷଣମ୍ । ହାତରେ କଙ୍କଣ ପିନ୍ଧିଲେ ତାହା ଶୋଭା ପାଇନଥାଏ । ସେଥିପାଇଁ ଦାନକୁ ହାତର ଆଭୂଷଣ ବୋଲି କୁହାଯାଏ । ନିଜର ନ୍ୟାୟ ପୂର୍ବକ ଉପାର୍ଜିତ ଧନର ଦଶଭାଗ ଭଗବାନଙ୍କ ପ୍ରସନ୍ନତା ପାଇଁ କୌଣସି ସତ୍କର୍ମରେ ଲଗାଇବା ଉଚିତ୍ । ଦାନକୁ ତିନି ଭାଗରେ ବିଭକ୍ତ କରାଯାଇଛି । ନିଜେ ଯାଇ ଦେବା ଦାନକୁ ଉତ୍ତମ ଦାନ, ନିଜେ ରହୁଥିବା ସ୍ଥାନକୁ ଡକାଇ ଦେବା ଦାନକୁ ମଧମ ଦାନ ଏବଂ ମାଗିଲା ପରେ ଦେବା ଦାନକୁ ଅଧମ ଦାନ କୁହାଯାଏ । ଦାନ ଦେବା ଲୋକ ସର୍ବଦା ପୂର୍ବ ଆଡ଼କୁ ମୁହଁ କରି ଦାନ ଦେବା ଉଚିତ୍ । ଗ୍ରହଣକାରୀର ମୁହଁ ଉତ୍ତର ଦିଗକୁ ରହିବା ବିଧେୟ । ଏହାଦ୍ୱାରା ଦାତାଙ୍କର ଆୟୁଷ ବଢ଼ିଥାଏ । ଦରିଦ୍ର, ଅନ୍ଧ, ଅନାଥ, ବିକଳାଙ୍ଗମାନଙ୍କ ସେବା ପାଇଁ ଯେଉଁ ଧନ ଦାନ କରାଯାଏ, ତାହା ମହତ୍ ଫଳଦାୟୀ ହୋଇଥାଏ ।

ପୁରାକାଳରୁ ଅନେକ ବ୍ୟକ୍ତି ଦାନ ଦେଇ ତାଙ୍କରି ସ୍ଥାନ ସର୍ବାଗ୍ରରେ ରହି ପ୍ରଶଂସିତ ହୋଇଛନ୍ତି । ଏଣୁ ସଂସାରରେ ଅଦେୟ ବୋଲି କିଛି ନାହିଁ । କେବଳ ଆମ ଭିତରେ ଇଚ୍ଛା ପ୍ରକଟ ହେବା ଦରକାର । ମାନସିକତା ପରିବର୍ତ୍ତନ ହେବା ଆବଶ୍ୟକ । କଳିଯୁଗରେ ଦାନ ହିଁ ଶ୍ରେଷ୍ଠ ଧର୍ମ ବୋଲି ଶାସ୍ତ୍ରରେ କୁହାଯାଇଛି । ଏଣୁ ମନୁଷ୍ୟ ପ୍ରତ୍ୟେକ ଦିନ କିଛି ନା କିଛି ଦାନ ଦେବା ବିଧେୟ ।

ବର୍ଷ ୨୭, ସଂଖ୍ୟା- ୪୧, ୮ - ୧୪ ଅକ୍ଟୋବର ୨୦୨୩

## ଷୋଡ଼ଶ ବିଧାନସଭାର ତ୍ରୟୋଦଶ ଅଧିବେଶନ

୮ଦିନ ପାଇଁ ଡକାଯାଇଥିଲା ବିଧାନସଭାର ଅଧିବେଶନ । ଚାଲିଲା ୭ ଦିନ । ଦିନକ ଆଗରୁ ସରିଯାଇଛି ଷୋଡ଼ଶ ବିଧାନସଭାର ତ୍ରୟୋଦଶ ଅଧିବେଶନ । ୨୦୨୩-୨୪ ଆର୍ଥିକ ବର୍ଷ ଅତିରିକ୍ତ ବଜେଟର ବ୍ୟୟମଞ୍ଜୁରୀ ବିଲ ପାରିତ ହେବା ସହ ବିଧାନସଭାଗ ଏହି ସଂକ୍ଷିପ୍ତ ଅଧିବେଶନ ସରିଛି । ଏହି ଅଧିବେଶନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ତଥା ଉଲ୍ଲେଖନୀୟ ଅଧାୟ ହେଉଛି, ଓଡ଼ିଶା ବିଧାନସଭା ପ୍ରଥମ ଥର ପାଇଁ ଜଣେ ମହିଳା ବାଚସ୍ପତି ପାଇଛି । ବାଚସ୍ପତି ଆସନ ଅଳଙ୍କୃତ କରିଛନ୍ତି ଗୃହର ଅନ୍ୟତମ ବରିଷ୍ଠ ତଥା ଅଭିଜ୍ଞ ସଦସ୍ୟା ପ୍ରମିଳା ମଲ୍ଲିକ । ଏହି ଛୋଟ ଅଧିବେଶନ ରାଜନୈତିକ ଦୃଷ୍ଟିକୋଣରୁ ବଡ଼ ବାର୍ତ୍ତା ଦେଇଛି । ଦିଲ୍ଲୀରେ ବିଜେଡି- ବିଜେପି ସମ୍ପର୍କକୁ ନେଇ ଯେଉଁ ଚର୍ଚ୍ଚା ସଂସଦର ମୌସୁମୀ ଅଧିବେଶନ ସମୟରୁ ଜୋର ଧରିଥିଲା, ତାହାକୁ ଉଡ଼ାଇ ଦେଇଛି ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ । ଗୃହ ଭିତରେ ଓ ବାହାରେ ବିଜେପି-ବିଜେଡି ଭିତରେ ଦେଖିବାକୁ ମିଳିଛି ଜୋରଦାର ଲଢ଼େଇ (ବାକ୍ ଯୁଦ୍ଧ) । ମୌସୁମୀ ଅଧିବେନଶର ଘନଘନ ବୟାନବାଜିରେ ରାଜନୀତି ପୁରା ତତଲା ହୋଇଯାଇଛି । ଗୋଟିଏ ପଟେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଶାଣିତ ଆକ୍ରମଣରେ ରାଜ୍ୟ ସରକାରଙ୍କୁ ବାରମ୍ବାର ଘେରିଛନ୍ତି । ସିଧା ମୁଖ୍ୟମନ୍ତ୍ରୀଙ୍କ ଆଡ଼କୁ ସେ ବାରମ୍ବାର ଟାର୍ଗେଟ କରିଛନ୍ତି । ବିଜେପି ଦଳ ବିଭିନ୍ନ ପ୍ରସଙ୍ଗ ଉଠାଇ ସରକାର ବିରୋଧରେ ନାରାବାଜି ଦେଇ ଗୃହରେ ହଙ୍ଗାମା କରିଛି । କଂଗ୍ରେସ ନିଶାଣରେ ରହିଥିଲା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର । କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି । ଗୃହ ପରିଚାଳନାରେ କ୍ଷୁବ୍ଧ ହୋଇ ଅନେକ ଥର କଂଗ୍ରେସ କକ୍ଷତ୍ୟାଗ କରିଛି । ବିଜେଡି ବି ମୁହଁତୋଡ଼ ଜବାବ ଦେଇଛି ବିରୋଧୀ ଦଳଙ୍କୁ । ବିରୋଧୀଙ୍କୁ ଏଥର ସିଧା ଜବାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏମିତିକି କେତେକ ପ୍ରସଙ୍ଗରେ ବିରୋଧୀ ଜବାବ ମାଗିବା ଆଗରୁ ନବୀନ ବିବୃତି ରଖି ବିରୋଧୀଙ୍କୁ ପାଲଟା ଆକ୍ରମଣ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲା ଗସ୍ତ, ବିମାନ ଭଡ଼ା ପ୍ରସଙ୍ଗକୁ ନେଇ ବିରୋଧୀ ଗୃହ ଭିତରେ ଓ ବାହାରେ ସରକାରଙ୍କୁ ଘେରିଥିବାବେଳେ ଶାସକ ଦଳ କେନ୍ଦ୍ର ଅବହେଳା ଅସ୍ତ୍ର ଛାଡ଼ିଥିଲା । ଗୃହରେ ବିରୋଧୀ-ଶାସକ ଦଳ ସଭ୍ୟଙ୍କ ଲଢ଼େଇ ଏମିତି ତେଜିଥିଲା ଯେ କିଛି ଆକ୍ଷେପମୂଳକ ଶବ୍ଦକୁ ଗୃହର ବିବରଣୀରୁ ବାଦ୍ ଦେବାକୁ ପଡ଼ିଛି ।

ଏଥର ଗୃହରେ ବିଜେପିର ହଙ୍ଗାମା, ବିଜେଡିର କେନ୍ଦ୍ର ବିରୋଧୀ ନାରାବାଜି ବେଶ୍ ଶୁଣିବାକୁ ମିଳିଥିଲା । ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ଡାଲି ଫିଙ୍ଗା ଭଳି ଅଭାବନୀୟ ଚିତ୍ର ଏଥର ବିଧାନସଭାରେ ଦେଖିବାକୁ ମିଳିଥିଲା । ଏହି ଘଟଣା ପାଇଁ ବିଜେପିର ଦୁଇ ସଦସ୍ୟ ମୋହନ ଚରଣ ମାଝୀ ଓ ମୁକେଶ ମହାଲିଙ୍ଗଙ୍କୁ ବିଧାନସଭାର ଚଳିତ ଅଧିବେଶନରେ ନିଲମ୍ବିତ କରାଯାଇଥିଲା । ନିଲମ୍ବନ ପ୍ରତ୍ୟାହାର ଦାବିରେ ଶେଷ ପର୍ଯ୍ୟନ୍ତ ହଙ୍ଗାମା ଜାରି ରଖିଥିଲା ବିଜେପି । ମୁଖ୍ୟମନ୍ତ୍ରୀଙ୍କ ବିବୃତିରେ ବିରୋଧୀଙ୍କ ଉଦ୍ଦେଶ୍ୟରେ ଜନବିରୋଧୀ ଶବ୍ଦ ପ୍ରୟୋଗ ନେଇ ବିରୋଧୀ ଦଳ ଆପତ୍ତି ଉଠାଇଥିଲେ । ଗୃହର ବିବରଣୀରୁ ବାଦ୍ ଦେବା ପାଇଁ ବିଜେପି ଦାବି ଉଠାଇଥିଲା । ଏ ନେଇ ବି ଗୃହ ଅଚଳ ହୋଇଥିଲା ।

ଏଥର ଅଧିବେଶନର ଢେର ସମୟ ଉଡ଼ିଯାଇଥିଲା ହଙ୍ଗାମାରେ । ଲଢ଼େଇ ଜୋରଦାର ଦେଖିବାକୁ ମିଳିଛି ବିରୋଧୀ-ଶାସକଙ୍କ ଭିତରେ । ଏହି ୭ ଦିନିଆ ଅଧିବେଶନରେ ୭୭୦ଟି ତାରକା ଚିହ୍ନିତ ପ୍ରଶ୍ନ ନୋଟିସ ଗ୍ରହଣ କରାଯାଇଥିଲା । ମାତ୍ର ୮ଟି ତାରକା ଚିହ୍ନିତ ପ୍ରଶ୍ନର ମୌଖିକ ଉତ୍ତର ଦେଇପାରିଛନ୍ତି ମନ୍ତ୍ରୀ । ହଙ୍ଗାମା ଯୋଗୁଁ ଅନେକ ସମୟରେ ପ୍ରଶ୍ନକାଳ ଚାଲିପାରିନି । ୧୪୦୩ଟି ଅଣତାରକା ଚିହ୍ନିତ ପ୍ରଶ୍ନର ଉତ୍ତର ଉପସ୍ଥାପନ କରାଯାଇଛି । ୩ଟି ସିଏଜି ରିପୋର୍ଟ ଗୃହରେ ଉପସ୍ଥାପନ ହୋଇଛି । ୧୩ଟି ବିଲ୍ ପାରିତ ହୋଇଛି । ୩୮ ଟି କାଗଜ, ୭୮ଟି ବାର୍ଷିକ ରିପୋର୍ଟ, ୫ଟି କମିଟି ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଛି । ୪ଟି ବିବୃତି ମଧ ରଖାଯାଇଛି । ହେଲେ ଉଲ୍ଲେଖନୀୟ କଥା ହେଉଛି, ଏଥର ବିଧାନସଭା ଅଧିବେଶନରେ କୌଣସି ମୂଳତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇପାରିନି ।

## ସ୍ୱାସ୍ଥ୍ୟକାରୀ କିସ୍‌ମିସ୍

**କି**ସ୍‌ମିସ୍ ଡ୍ରାଏ ଫ୍ରୁଟସ୍ ମଧ୍ୟରୁ ଗୋଟିଏ । ଯାହାକୁ ଖାଇଲେ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ । କିସ୍‌ମିସ୍‌ର ଚାରୋଟି ମଞ୍ଜି, କିଛି କେଶର (୧୨୫ ମିଲିଗ୍ରାମ), ଆବଶ୍ୟକ ଅନୁସାରେ ଚିନିରେ ୫୦୦ ମିଲି କ୍ଷୀର ମିଶାଇ ଫୁଟାଇ ଦିଅନ୍ତୁ । ତାପରେ ସେହି କ୍ଷୀରକୁ ରାତିରେ ପିଅନ୍ତୁ । ଏହି ମିଶ୍ରଣ ଶରୀରରେ ଏନର୍ଜୀ ଆଣିଥାଏ । କିସ୍‌ମିସ୍ ପେସି ସେଥିରେ ୨୫୦ ମିଲିଗ୍ରାମ କ୍ଷୀର, କଦଳୀ ମିଶାଇ ମିଲ୍କଶେକ୍ ପ୍ରସ୍ତୁତ କରନ୍ତୁ । ଏହାର ନିୟମ ସେବନ ବିଧି ବାର୍ଦ୍ଧକ୍ୟ ସହିତ ଜଡିତ ସମସ୍ୟା ଦୂର ହୋଇଥାଏ ।



## ଆତ୍ମ - ଉପଲବ୍ଧି

### ମହାତ୍ମା ଗାନ୍ଧୀ



**ପ୍ର**ତ୍ୟେକ ମନୁଷ୍ୟ ସେହି ଆନନ୍ଦମୟ, ବର୍ଣ୍ଣନାତୀତ ଏବଂ ନିଷ୍ପାପ ସ୍ଥିତିଟିକୁ ଅବଶ୍ୟ ଉପଲବ୍ଧି କରିପାରିବ ବୋଲି ମୁଁ ବିଶ୍ୱାସ କରୁଛି, ଯେତେବେଳେ କି ସେ ନିଜ ଭିତରେ କେବଳ ଈଶ୍ୱରଙ୍କର ଉପସ୍ଥିତିକୁ ହିଁ ଅନୁଭବ କରୁଥାଏ ଓ ଈଶ୍ୱରଙ୍କ ବ୍ୟତୀତ ତା'ଭିତରେ ଅନ୍ୟ କିଛି ହେଲେ ନଥାଏ ।

ମୁଁ ଆତ୍ମ-ଉପଲବ୍ଧି ଲାଭ କରିବାକୁ ହିଁ ଚେଷ୍ଟା କରୁଛି, ତାହାରି ଲାଗି ମୁଁ ସର୍ବଦା ପ୍ରୟାସ କରି ଆସିଛି ଏବଂ ଆକୁଳ ହୋଇ ରହିଛି ।... ମୁଁ ଈଶ୍ୱରଙ୍କୁ ପ୍ରତ୍ୟକ୍ଷ ଭାବରେ ଦର୍ଶନ କରିବାକୁ ଓ ତଦ୍ୱାରା ମୋକ୍ଷ ହୋଇଯିବାକୁ ଇଚ୍ଛା କରୁଛି । ସେହି ଲକ୍ଷ୍ୟଟିର ଅନୁସରଣରେ ହିଁ ମୁଁ ଜୀବନ ଧାରଣ କରିଛି, ଯାହାକିଛି କାର୍ଯ୍ୟ କରୁଛି ଏବଂ ଅସ୍ତିତ୍ୱ ଧରି ରହିଛି । କଥା କହିବା, ଲେଖିବା ଏବଂ ରାଜନୀତିର କ୍ଷେତ୍ରରେ ମୋ'ର ଯାବତୀୟ ପଦକ୍ଷେପ ଓ କାର୍ଯ୍ୟ- ଏହି ସବୁକିଛି ସେହି ଲକ୍ଷ୍ୟଟିକୁ ହାସଲ କରିବା ନିମନ୍ତେ ଉଦ୍ଦିଷ୍ଟ ହୋଇ ରହିଛି ।

କାରଣ, ମୁଁ ଯେ ତାଙ୍କଠାରୁ ତଥାପି ଏତେ ଦୂରବର୍ତ୍ତୀ ହୋଇ ରହିଛି, ସେହି କଥାଟି ମୋତେ ନିରନ୍ତର ଉପୀଡ଼ିତ କରି ରଖିଛି । ମୁଁ ସମ୍ପୂର୍ଣ୍ଣ ଭାବରେ ଅବଶ୍ୟ ଜାଣିଛି ଯେ, ସେହି ଈଶ୍ୱର ହିଁ ମୋ' ଜୀବନର ପ୍ରତ୍ୟେକଟି ନିଶ୍ୱାସକୁ ମଧ ପରିଚାଳନା କରୁଛନ୍ତି ଏବଂ ମୁଁ ତାଙ୍କରିଠାରୁ ଉଦ୍‌ଭୂତ ହୋଇ ଆସିଛି । ମୁଁ ଭଲ କରି ଜାଣିଛି ଯେ ମୋ' ଭିତରେ ରହିଥିବା ମନ୍ଦ-ବାସନା ଗୁଡ଼ିକ ହିଁ ମୋତେ ତାଙ୍କଠାରୁ ଏତେ ଦୂରବର୍ତ୍ତୀ କରି ରଖିଛନ୍ତି ଏବଂ ତଥାପି ମୁଁ ସେହି ବାସନାଗୁଡ଼ିକରୁ ମୁକ୍ତ ହୋଇପାରୁ ନାହିଁ ।

ଭଗବତ୍ ବିଶ୍ୱାସ ଏପରି ଏକ ବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇ ରହିଥିବା ଆବଶ୍ୟକ, ଯାହାକି ବୁଦ୍ଧି-ଯୁକ୍ତିର ଅତୀତ ହୋଇ ରହିଥିବ । ବସ୍ତୁତଃ, ଏହି ତଥାକଥିତ ଉପଲବ୍ଧିର କ୍ଷେତ୍ରରେ ମଧ ସବାତଳେ ବିଶ୍ୱାସର ଏପରି ଗୋଟିଏ ଉପାଦାନ ରହିଥାଏ, ଯାହା ବ୍ୟତୀତ ତାହା କଦାପି ସ୍ଥାୟୀ ହୁଏନାହିଁ । ବସ୍ତୁଗୁଡ଼ିକର ସ୍ୱଭାବ ଅନୁସାରେ ତାହାହିଁ ଅବଶ୍ୟ ହେବା ଉଚିତ । ଆପଣା ସଭାର ସୀମାଗୁଡ଼ିକୁ କିଏ ଉଲଂଘନ କରିବାକୁ ସମର୍ଥ ହେବ ?

ମୁଁ ଭାବୁଛି ଯେ, ଏହି ଶରୀରଧାରୀ ଜୀବନରେ ସଂପୂର୍ଣ୍ଣ ଉପଲବ୍ଧି କଦାପି ସମ୍ଭବ ହେବନାହିଁ । ଏପରି ହେବା ଆବଶ୍ୟକ ମଧ ନୁହେଁ । ମନୁଷ୍ୟର ଜୀବନରେ ଯାହା ସମ୍ଭବ ହୋଇପାରିବ, ସେହି ଉଚ୍ଚତମ ଆଧାତ୍ମିକ ଉଚ୍ଚତାରେ ଯାଇ ପହଞ୍ଚି ପାରିବା ନିମନ୍ତେ କେବଳ ଏକ ଜୀବନ୍ତ ତଥା ଅବିଚଳ ବିଶ୍ୱାସର ହିଁ ଆବଶ୍ୟକତା ରହିଛି । ଭଗବାନ କଦାପି ଆମର ଏହି ପାର୍ଥିବ ଛାଞ୍ଚଟି ବାହାରେ ନାହାନ୍ତି । ତେଣୁ ଯଦି ବାହାରେ ଆଦୌ କୌଣସି ପ୍ରମାଣର ଆବଶ୍ୟକତା ରହିଥାଏ, ତେବେ ଏହି କ୍ଷେତ୍ରରେ ତାହାର ଖୁବ୍ ବେଶୀ ପ୍ରୟୋଜନ ହିଁ ନାହିଁ ।

ଇନ୍ଦ୍ରିୟଗୁଡ଼ିକ ଦେଇ ଆମେ କଦାପି ତାଙ୍କୁ ଅନୁଭବ କରି ପାରିବା ନାହିଁ, କାରଣ ସିଏ ହେଉଛନ୍ତି ଇନ୍ଦ୍ରିୟାତୀତ । କେବଳ ଇନ୍ଦ୍ରିୟଗୁଡ଼ିକରୁ ନିଜକୁ ପ୍ରତ୍ୟାହୃତ କରି ନେଇ ପାରିଲେ ଯାଇ ଆମେ ତାଙ୍କୁ ଅନୁଭବ କରି ପାରିବା । ଆମ ଭିତରେ ସେହି ଦିବ୍ୟ ସଂଗୀତଟି ଅବିରାମ ନିନାଦିତ ହେବାରେ ଲାଗିଛି, ମାତ୍ର କେଡ଼େ କୋଳାହଳ କରୁଥିବା ଇନ୍ଦ୍ରିୟମାନେ ସେହି ସଂଗୀତକୁ କୁଆଡ଼େ ପୋତି ପକାଉଛନ୍ତି; ଆମର ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଆମେ ଯାହାକିଛିର ବୋଧ ଲାଭ କରିପାରିବା ବା ଶୁଣି ପାରିବା, ସେହି ସଂଗୀତ ତା'ଠାରୁ ଏକାବେଳକେ ଭିନ୍ନ ପ୍ରକାରର ଏବଂ ତା'ଠାରୁ ଉଚ୍ଚତର ସ୍ତରର ।

ପ୍ରତ୍ୟେକ କଥାର ଦୁଇଟି ଦିଗ ରହିଛି ବାହାର ଦିଗ ଓ ଭିତର ଦିଗ । ଭିତରର ଦିଗଟିକୁ ତାହା ଯେତିକି ପରିମାଣରେ ସାହାଯ୍ୟ କରିଥାଏ, ଏତିକି ବ୍ୟତୀତ ବାହାର ଦିଗଟିର ଆଦୌ କୌଣସି ତାତ୍ପର୍ଯ୍ୟ ନାହିଁ । ଯାବତୀୟ ଯଥାର୍ଥ କଳା ଏହି କାରଣରୁ ଆତ୍ମାର ଅଭିବ୍ୟକ୍ତି ସାଧନ ହିଁ କରିଥାଏ । ମନୁଷ୍ୟର ଅନ୍ତର୍ଗତ ଆତ୍ମାଟିକୁ ଅଭିବ୍ୟକ୍ତ କରି ଆଣିବାରେ ହିଁ ବାହ୍ୟ ଯାବତୀୟ ରୂପର ମୂଲ୍ୟ ରହିଛି ।

ଅନେକ ବ୍ୟକ୍ତି ନିଜକୁ କଳାକାର ବୋଲି କହୁଥିବାର ଏବଂ କଳାକାର ରୂପେ ସ୍ୱୀକୃତ ହେଉଥିବାର ମୋତେ ଜଣା ଅଛି । ମାତ୍ର ସେମାନଙ୍କର କୃତିଗୁଡ଼ିକରେ ଊର୍ଦ୍ଧ୍ୱକୁ ଆରୋହଣ କରିବା ଲାଗି ଆତ୍ମାର ସେହି ବ୍ୟାକୁଳତା ଏବଂ ଅଶାନ୍ତିର ଆଦୌ କୌଣସି ଆଭାସ ହିଁ ଦେଖିବାକୁ ମିଳେନାହିଁ ।

ସକଳ ଯଥାର୍ଥ କଳା ଆତ୍ମାକୁ ଆପଣାର ଅନ୍ତର୍ଗତ ସଭାର ଉପଲବ୍ଧି ଲାଗି ଅବଶ୍ୟ ସହାୟତା କରୁଥିବ । ମୋ'ନିଜ କ୍ଷେତ୍ରରେ ମୁଁ କହିବି ଯେ, ମୋ' ଆତ୍ମାର ଉପଲବ୍ଧି ନିମନ୍ତେ ମୁଁ ବାହ୍ୟ ଆକାରଗୁଡ଼ିକର କୌଣସି ପ୍ରୟୋଜନ ଆଦୌ ଅନୁଭବ କରେନାହିଁ । ତେଣୁ, ମୋ' ଚାରିପାଖରେ ତୁମେମାନେ କହୁଥିବା କୌଣସି କଳାକୃତି ଦେଖିବାକୁ ନ ମିଳୁଥିଲେ ହେଁ ମୋ' ଜୀବନରେ ଯଥାର୍ଥ ସାମର୍ଥ୍ୟ ଯୁକ୍ତ କଳା ଅବଶ୍ୟ ରହିଛି ବୋଲି ମୁଁ ଦାବି କରି ପାରିବି ।

ମୋ' କୋଠରୀର କାନ୍ଥଗୁଡ଼ିକ ଏକାବେଳକେ ଖାଲି ଦେଖା ଯାଇପାରେ । ଏପରିକି, ଏକ ଅସୀମ ବ୍ୟାପ୍ତି ଭିତରେ ମୋ' ମୁଣ୍ଡ ଉପରେ ବିସ୍ତୃତ ହୋଇ ରହିଥିବା ନକ୍ଷତ୍ରଖଚିତ ଆକାଶଲୋକକୁ ଯେପରି ମୁଁ ସିଧା ଦେଖି ପାରିବି, ସେଥିଲାଗି ମୋ' ଘରେ କୌଣସି ଛାତ ମଧ ନ ରହିପାରେ । ଆପଣାର ଉଜ୍ଜ୍ୱଳ ନକ୍ଷତ୍ର ସମ୍ପଦଟି ଦ୍ୱାରା ମଣ୍ଡିତ ଆକାଶଟିକୁ ଅନାଇ ଦେଖୁଥିବା ସମୟରେ ମୋ' ସମ୍ମୁଖରେ ଯେଉଁ ବିପୁଳ ଦୃଶ୍ୟପଟଟି ଉନ୍ମୋଚିତ ହୋଇଯାଏ, ମନୁଷ୍ୟକୃତ କେଉଁ ସଚେତନ କଳା ମୋତେ ତାକୁ ଦେଖିବାର ସୁଯୋଗ ଆଣି ଦେଇ ପାରିବ ?

ଅବଶ୍ୟ, ଏହାର ଅର୍ଥ ନୁହେଁ ଯେ ମୁଁ କଳାକୃତିଗୁଡ଼ିକର କୌଣସି ମୂଲ୍ୟ ରହିଛି ବୋଲି ସାଧାରଣଙ୍କ ପରି ଆଦୌ ସ୍ୱୀକାର କରେ ନାହିଁ । ମୁଁ ବ୍ୟକ୍ତିଗତ ଭାବରେ କେବଳ ଏତିକି ଅନୁଭବ କରିଥାଏ ଯେ, ପ୍ରକୃତି ମଧ୍ୟରେ ରହିଥିବା ସୌନ୍ଦର୍ଯ୍ୟର ଚିରନ୍ତନ ପ୍ରତୀକଗୁଡ଼ିକର ତୁଳନାରେ ଏଗୁଡ଼ିକ ନିତାନ୍ତ ଅଳ୍ପ । ମନୁଷ୍ୟ-ହାତର ତିଆରି ଏହିସବୁ କଳାକୃତି ଆତ୍ମାକୁ ତା'ର ଆତ୍ମଉପଲବ୍ଧିର ଆରୋହଣ ପଥରେ ଯେତିକି ସହାୟତା କରିବେ, ସେଗୁଡ଼ିକର ପ୍ରକୃତରେ ସେତିକି ମୂଲ୍ୟ ହିଁ ରହିଛି ।

ସର୍ବପ୍ରଥମ ବସ୍ତୁରୂପେ ତୁମେ ସତ୍ୟର ହିଁ ଅନୁଗାମୀ ହୁଅ, ସୌନ୍ଦର୍ଯ୍ୟ ଓ ଶିବ ତା'ପରେ ସେଥିସହିତ ଆପଣାଛାଏଁ ଆସି ଯୁକ୍ତ ହୋଇପାରିବେ । ମୋ' ମତରେ ଯୀଶୁଖ୍ରୀଷ୍ଟ ଜଣେ ସର୍ବୋଚ୍ଚ କଳାକାର ଥିଲେ, କାରଣ ସେ ସତ୍ୟର ଦର୍ଶନ କରିଥିଲେ ଏବଂ ସତ୍ୟକୁ ବ୍ୟକ୍ତ କରିଥିଲେ । ମହମ୍ମଦଙ୍କ ବିଷୟରେ ମଧ ସେହି କଥା ଅବଶ୍ୟ କୁହାଯିବ, କାରଣ ବିଦ୍ୱାନମାନଙ୍କର କହିବା ଅନୁସାରେ ଆରବୀ ସାହିତ୍ୟରେ କୋରାନ୍ ହେଉଛି ସବୁଠାରୁ ଅଧିକ ପରିପୂର୍ଣ୍ଣତା ହାସଲ କରିଥିବା ଏକ ରଚନା । ଏହାର କାରଣ ହେଉଛି ଯେ, ଦୁହେଁଯାକ ସର୍ବପ୍ରଥମେ ସତ୍ୟ ଲାଗି ହିଁ ପ୍ରୟାସ କରିଥିଲେ ଏବଂ ତେଣୁ, ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେମାନେ ଅଭିବ୍ୟକ୍ତିର ସେହି ସୌନ୍ଦର୍ଯ୍ୟଟିକୁ ମଧ ଲାଭ କରିପାରିଥିଲେ । ତଥାପି, ଯୀଶୁଖ୍ରୀଷ୍ଟ କିମ୍ବା ମହମ୍ମଦ କେହି କଳା ସମ୍ବନ୍ଧରେ ଆଦୌ କିଛି ଲେଖିନାହାନ୍ତି । ମୁଁ ଠିକ୍ ସେହି ସତ୍ୟ ଏବଂ ସୌନ୍ଦର୍ଯ୍ୟ ଲାଗି ଆକାଂକ୍ଷା ରଖିଛି, ସେଇଥି ପାଇଁ ମୋ' ଜୀବନଟିକୁ ବଞ୍ଚୁଛି ଏବଂ ଆବଶ୍ୟକ ହେଲେ ସେଇଥପାଇଁ ଜୀବନ ଦେବି ।

## ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ମୂଳା

**ଶୀ**ତ ଋତୁରେ ସମସ୍ତଙ୍କ ରୋଷେଇ ଘରେ କିଛି ଥାଉ କି ନ ଥାଉ ମୂଳା ନିଶ୍ଚିତ ଥାଏ । ସାଧାରଣତଃ ଶୀତ ଋତୁରେ ମୂଳା ଖାଇବା ସ୍ୱାସ୍ଥ୍ୟପ୍ରତି ବେଶ୍ ଲାଭବାନ ହୋଇଥାଏ ।



ଥଣ୍ଡା ଓ କାଶରୁ ବଞ୍ଚାଏ : ସାଧାରଣତଃ ଶୀତ ଋତୁରେ ସମସ୍ତଙ୍କୁ ଥଣ୍ଡା ଓ କାଶ ହୋଇଥାଏ । ପ୍ରତିଦିନ ମୂଳା ଖାଇବା ଦ୍ୱାରା ଏହା ଶରୀରକୁ ଥଣ୍ଡା ଓ କାଶ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ । ଏଥିରେ ଆଣ୍ଟି କଞ୍ଜେଷ୍ଟିଭ୍ ଗୁଣ ଥାଏ ଯାହା ଗଳାର କଫ ସଫା କରିବାରେ ସହାୟକ ହୋଇଥାଏ ।

ରକ୍ତଚାପ ନିୟନ୍ତ୍ରଣ କରେ : ମୂଳା ଶରୀରର ସୋଡ଼ିୟମ ପୋଟାସିୟମ୍ ସନ୍ତୁଳନକୁ ନିୟନ୍ତ୍ରଣ କରି ରକ୍ତଚାପକୁ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରେ । ଏଥିସହ ଉଚ୍ଚ ରକ୍ତଚାପକୁ ମଧ ନିୟନ୍ତ୍ରଣ କରିଥାଏ ।

ଚର୍ମକୁ ସୁସ୍ଥ ରଖେ : ମୂଳରେ ସବୁ ପ୍ରକାରର ଭିଟାମିନ୍ ରହିବା ସହିତ ଏଥିରେ ଫସଫରସ ରହିଥାଏ, ଯାହା ଆମ ଚର୍ମର ଶୁଷ୍କପଣ ଏବଂ ଚର୍ମ ଫାଟିବାରୁ ରକ୍ଷା କରିଥାଏ । ଏଥିସହ ମୂଳାରେ ଅଧିକ ପରିମାଣରେ ପାଣି ରହିଥାଏ ଯାହା ତ୍ୱଚାକୁ ଉଜ୍ଜ୍ୱଳପଣ ଦେଇଥାଏ ସେଥିପାଇଁ ପ୍ରତିଦିନ ମୂଳା ଖାଇବା ଉଚିତ ।

ମଧୁମେହ ନିୟନ୍ତ୍ରଣ କରେ : ମୂଳାରେ ଥିବା ପ୍ରଚୁର ପରିମାଣର ଫାଇବର ଶରୀରର ମଧୁମେହକୁ ନିୟନ୍ତ୍ରଣ କରିଥାଏ । ସେଥିପାଇଁ ଯେଉଁମାନେ ମଧୁମେହ ରୋଗରେ ପୀଡିତ ସେମାନେ ପ୍ରତିଦିନ ମୂଳା ଖାଇବା ଆବଶ୍ୟକ ।

ଭୋକ ବଢ଼ାଇଥାଏ : ଯଦି କାହାକୁ ଭୋକ ଲାଗୁ ନ ଥିବାର ସମସ୍ୟା ଥାଏ ତାଙ୍କୁ ମୂଳା ରସ ସହ ଅଦା ରସ ମିଶାଇ ପିଇବାକୁ ଦିଅନ୍ତୁ । ଏହା କରିବା ଦ୍ୱାରା ଭୋକ ଲାଗିବା ସହ ପେଟ ଜନିତ ରୋଗ ମଧ ଭଲ ହୋଇଥାଏ ।

# ସ୍ୱର୍ବେଦ

**ନିରମଲ ଅରୁ ନିରଭ୍ରାନ୍ତି ହୈ,**
**ଚିନ୍ମୟ ଶବ୍ଦ ସ୍ୱରୂପ ।**
**ମାନସ ଦେହୀ ହଁସ ହୈ, ମହିମା**
**ଅମିତ ଅନୂପ ।।୪୩।।**

ଭାଷ୍ୟ - ଆତ୍ମାର ପବିତ୍ର ସ୍ୱରୂପରେ ଚେତନ ଶବ୍ଦ ସ୍ୱରୂପର ପ୍ରାପ୍ତି ହୋଇଥାଏ, ଯେଉଁଥିରେ ଆତ୍ମାକୁ କୌଣସି ପଦାର୍ଥର ଜ୍ଞାନ ନିମନ୍ତେ ଆବରଣ ରହି ନ ଥାଏ । ଏହା ସର୍ବଜ୍ଞାନ ପ୍ରଦାୟକ, ନିର୍ଭ୍ରାନ୍ତ ମାନସ ଦେହୀ ହଂସ ଅବସ୍ଥା ଅଟେ ଯାହାର ମହିମା ଅନୁମପ ଏବଂ ଅପାର ଅଟେ ।

**ଜାଗ୍ରିତ ହୈ ଅସ୍ଥୁଲ ମେଁ, ସ୍ୱପ୍ନ ହୈ**
**ସୁକ୍ଷମ ମାହିଁ ।**
**କାରଣ ଦେହ ସୁଷୋପ୍ତି ହୈ,**
**ରୂପ ତୀନ ତିନ ମାହିଁ ।।୪୪।।**

ଭାଷ୍ୟ - ଜାଗ୍ରତ ଅବସ୍ଥା ସ୍ଥୂଳରେ ଆଉ ସ୍ୱପ୍ନ ଅବସ୍ଥା ସୂକ୍ଷ୍ମରେ ଏବଂ ସୁଷୁପ୍ତି କାରଣରେ - ଏ ତିନି ଅବସ୍ଥା ତିନି ଦେହରେ ମିଳେଇ




ଯାଇଥାନ୍ତି ।

**ମହ କାରଣ ତୁରିୟା ରହେ,**
**କେୱଲ ତୁରିୟାତୀତ ।**
**ହଁସ ଦେହ ମେଁ ଆପ୍ତ ହୈ,**
**ଅନୁଭୱ ଶବ୍ଦ ପ୍ରତୀତ ।।୪୫।।**

ଭାଷ୍ୟ - ତୁରିୟ ଅବସ୍ଥାରେ ମହାକାରଣ, ତୁରିୟାତୀତ ଅବସ୍ଥାରେ କୈବଲ୍ୟ ଦେହ ଆଉ ଆପ୍ତ ଅବସ୍ଥାରେ ହଂସ ଦେହର ପ୍ରାପ୍ତି ହୋଇଯାଏ । ଶବ୍ଦ ପରମ ପ୍ରକାଶର ଆପ୍ତ ଅବସ୍ଥା ଅଟେ । ହଂସ ଶରୀର ଆତ୍ମାର ଶୁଦ୍ଧ ଚେତନ ଅବସ୍ଥାର ଶରୀର ଅଟେ ।

**ଦୋ ପ୍ରକାର କେ କରଣ ହେଁ,**
**ଜଡ଼ ଚେତନ ଦୋ ମାନ ।**
**ଜଡ଼ ଜଗ ଚେତନ ରୂପ ମେଁ,**
**ନିତ୍ୟକରଣ ଚିଦ ଜାନ ।।୪୬।।**

ଭାଷ୍ୟ - ଜଡ଼ ଚେତନ ଦୁଇ ପ୍ରକାରର କାରଣ ହୋଇଥାନ୍ତି । ଏକ ଜଡ଼ ଏବଂ ଦ୍ୱିତୀୟ ଚେତନ । ଆତ୍ମା ଜଡ଼ କରଣଗୁଡ଼ିକ ଦ୍ୱାରା ସଂସାର ପ୍ରକୃତିର କାର୍ଯ୍ୟ କରିଥାଏ ଆଉ ଚେତନ ନିତ୍ୟ କରଣଗୁଡ଼ିକ ଦ୍ୱାରା ଶୁଦ୍ଧ ଜ୍ଞାନ ଦ୍ୱାରା ପରଂବ୍ରହ୍ମଙ୍କର ପ୍ରାପ୍ତି କରି ସଚ୍ଚିଦାନନ୍ଦର ଉପଭୋଗ କରିଥାଏ ।

**ଜଗ ମେଁ ପ୍ରାକୃତ କରଣ ହୈ,**
**ମୁଚ୍ଛ କରଣ ନିତ ଜାନ ।**
**ଆତମ ଦୋ ୱିଧି କର୍ମ ହେଁ, ଜ୍ଞାନ**
**ଔର ଅଜ୍ଞାନ ।।୪୭।।**

ଭାଷ୍ୟ - ଆତ୍ମାର ଦୁଇଟି କରଣ ହୋଇଥାନ୍ତି, ଏକ ଜଡ଼ କରଣ ଏବଂ ଅନ୍ୟଟି ଚେତନ କରଣ । ଜଡ଼ କରଣଗୁଡ଼ିକ ଅଜ୍ଞାନ ଅବସ୍ଥାରେ ଜଡ଼ କର୍ମଗୁଡ଼ିକୁ ଉପଭୋଗ କରିଥାଏ ଆଉ ଜ୍ଞାନ ଅବସ୍ଥାରେ ଚେତନ ନିତ୍ୟ କରଣଗୁଡ଼ିକରେ ମୁକ୍ତି ପରମାନନ୍ଦ ସୁଖକୁ ଉପଭୋଗ କରିଥାଏ ।

**ପର ପଶ୍ୟନ୍ତି ଅରୁ ମଧ୍ୟମା,**
**ବୈଖାରୀ ବାଣୀ ଚାର ।**
**ଦେୱ ସଦାଫଲ ପ୍ରକୃତି ମେଁ,**
**ୱାଚକ ୱାଚ୍ୟ ୱିଚାର ।।୪୮।।**

ଭାଷ୍ୟ - ପରା, ପଶ୍ୟନ୍ତି, ମଧ୍ୟମା ଏବଂ ବୈଖରୀ - ଏ ସମସ୍ତ ବାଣୀର ଚାରୋଟି ରୂପ ଅଟନ୍ତି । ବାଚକ ଆଉ ବାଚ୍ୟର ବିଧାନ ଏହି ବାଣୀମାନଙ୍କ ଦ୍ୱାରା ପ୍ରକୃତି ମଣ୍ଡଳରେ ହୋଇଥାଏ ।

**।। ଇତି ସ୍ୱର୍ବେଦ ଦ୍ୱିତୀୟ ମଣ୍ଡଳ,**
**ଅଷ୍ଟମ ଅଧ୍ୟାୟ ଭାଷ୍ୟ ସମାପ୍ତ ।।**

# ସ୍ୱାସ୍ଥ୍ୟପଯୋଗୀ ଗୋଲ ମରିଚ



**ଗୋ**ଲମରିଚ ଖାଦ୍ୟର ସ୍ୱାଦ ବଢ଼ାଇବା ସହ ସ୍ୱାସ୍ଥ୍ୟ ପାଇଁ ମଧ ଲାଭଦାୟକ ଅଟେ । କେବଳ ଏତିକି ନୁହେଁ, ଏହାକୁ ପ୍ରତିଦିନ ଖାଇବା ଦ୍ୱାରା ହାର୍ଟ ମଧ ସୁସ୍ଥ ରହିଥାଏ । ହାର୍ଟ ହେଉଛି ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଏବଂ ଏହା ଶରୀରରେ ଅମ୍ଳଜାନଯୁକ୍ତ ରକ୍ତ ସଞ୍ଚାର କରିଥାଏ । ଗୋଲମରିଚରେ ଔଷଧୀୟ ଗୁଣ ଭରପୁର ମାତ୍ରାରେ ରହିଛି । ଏହାକୁ ସାଲାଡ, କଟା ଫଳ କିମ୍ବା ପନିପରିବା ଉପରେ ସିଞ୍ଚନ କରି ବ୍ୟବହାର କରାଯାଏ । ଏହା ବ୍ୟତୀତ ଏହା ଘରୋଇ ଉପଚାରରେ ମଧ ବ୍ୟବହୃତ ହୁଏ ।

କାଶରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଗୋଲମରିଚ ଖାଇବା ବେଶ ଉପଯୋଗୀ । ଯଦି ଆପଣଙ୍କର ଅନବରତ କାଶ ହେଉଛି, ତେବେ ଅଧା ଚାମଚ ଗୋଲମରିଚ ଗୁଣ୍ଡକୁ ଅଧା ଚାମଚ ମହୁ ସହିତ ମିଶାଇ ଦିନକୁ ୩ରୁ ୪ଥର ଚାଟନ୍ତୁ । ୩-୪ଦିନ ଲଗାତର ଏହା କରନ୍ତୁ । କାଶ କମିଯିବ ।

ଗୋଲମରିଚ ଗୁଣ୍ଡରେ ଅଳ୍ପ ଘିଅ ମିଶାଇ ସକାଳେ ଓ ସନ୍ଧ୍ୟାରେ ଖାଇଲେ ଦୃଷ୍ଟିଶକ୍ତି ବୃଦ୍ଧି ପାଏ ।

ଜ୍ୱରରେ ଗୋଲମରିଚ ବହୁତ ଭଲ କାମକରେ । ଏହି ସମୟରେ ତୁଳସୀ ସହ ଏହାକୁ ମିଶାଇ କାଢ଼ା କରି ପିଇଲେ ଆରାମ ମିଳିଥାଏ । ୪-୫ଟି ଗୋଟା ଗୋଲମରିଚ ସହ ୧୫ଟି କିସମିସ ଚୋବାଇ ଖାଇଲେ କାଶ ସମସ୍ୟା ଦୂର ହୁଏ ।

ସବୁ ପ୍ରକାରର ସଂକ୍ରମଣରେ ଗୋଲମରିଚ ଉପକାରୀ । ପାଇଲ୍ସ ରୋଗୀଙ୍କ ପାଇଁ ମଧ ଉପଯୋଗୀ । ଏହା ଆର୍ଥ୍ରାଇଟିସରେ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ ।

# ଆତ୍ମବଳ - ଜୀବନର ସର୍ବୋପରି ସଂପଦ

**ଆ**ତ୍ମବଳ ଜୀବନର ସର୍ବୋପରି ସଂପଦ । ଏହା ପ୍ରତ୍ୟକ୍ଷ କଳ୍ପବୃକ୍ଷ, ଯାହାର ଛାଇ ତଳେ ଆମର ପ୍ରତ୍ୟେକ ଇଚ୍ଛା, ମନସ୍କାମନା ପୂର୍ଣ୍ଣ ହୋଇଯାଏ । ଏହା ବାସ୍ତବ ପରଶମଣି, ଯାହାର ସ୍ପର୍ଶ ଦ୍ୱାରା ଲୁହା ଭଳି କ୍ଷୁଦ୍ର ଅସ୍ତିତ୍ୱ ମଧ ସୁନା ଭଳି ବହୁ ମୂଲ୍ୟବାନ୍ ହୋଇଯାଏ । ଯାହା ପାଖକୁ ଆତ୍ମବଳ ଆସିଯାଏ, ତା' ପାଖରେ କୌଣସି ପଦାର୍ଥର ଅଭାବ ରହେ ନାହିଁ । ଈଶ୍ୱର କୃପା ରୂପେ ସାଧକକୁ ଗୋଟିଏ ହିଁ ପୁରସ୍କାର ମିଳିଥାଏ ଆଉ ତାହା ହେଉଛି ଆତ୍ମବଳ ଗାୟତ୍ରୀ ମହାମନ୍ତ୍ରରେ ସବିତା ଦେବତାଙ୍କର ଯେଉଁ ଦେବସ୍ୱରୂପ ଭର୍ଗକୁ ବରଣ କରିବାର ଯାଚନ କରାଯାଇଛି, ସେହି ବ୍ରହ୍ମତେଜ ଆତ୍ମବଳ ହିଁ ଅଟେ । ଯାହାକୁ ଏହି ଦୈବୀ ବରଦାନ ମିଳିଗଲା, ବୁଝିବାକୁ ହେବ ତା'ର ଜୀବନ ଧନ୍ୟ ହୋଇଗଲା । ଯିଏ ଏଥିରୁ ବଞ୍ଚିତ ରହିଯାଏ, ସେ ପ୍ରଚୁର ସୁବିଧା-ସାମଗ୍ରୀ ଏବଂ ସହଯୋଗ ଥିଲେ ମଧ ଭୟ, ଚିନ୍ତା, ନିରାଶା, ଆଶଙ୍କା ଓ ଅସ୍ଥିରତା ଦ୍ୱାରା ତ୍ରସ୍ତ ରହିଥାଏ ।

ଅଜ୍ଞାନବଶତଃ ବ୍ୟକ୍ତି ନିଜର ସ୍ୱରୂପ, ସତ୍ତା, ଶକ୍ତି ଓ ବର୍ଜସ୍ୱର ମହତ୍ତ୍ୱ ବୁଝିପାରେ ନାହିଁ । ଆତ୍ମବୋଧର ଅଭାବରେ ବ୍ୟକ୍ତି ଅଜ୍ଞାନ ହିଁ ରହିଯାଏ । ଯଦି ଆମର ବାସ୍ତବିକ ସ୍ୱରୂପ ଆତ୍ମା, ତେବେ ନିଜ ଭିତରେ ଆତ୍ମତତ୍ତ୍ୱ ବିଦ୍ୟମାନ ହେବା ଉଚିତ ଏବଂ ପୁଣି ତାହାର ସ୍ୱାଭାବିକ ଗୁଣ ଆତ୍ମବଳ ମଧ ରହିବା ଉଚିତ । ଏହି ପ୍ରକାର ଆତ୍ମବଳ ଆମ ଭିତରେ ହିଁ ବିଦ୍ୟମାନ ଥାଏ, ଏହାକୁ ବାହାରୁ କେଉଁଠୁ ଆଣିବାକୁ ପଡ଼ି ନଥାଏ । ଏହାକୁ ବିକଶିତ କରିବା, ପରିଷ୍କୃତ କରିବା ଓ ସମ୍ଭାଳିବାକୁ ପଡ଼ିଥାଏ । ଏହାର ଜାଗରଣ ଓ ବିକାଶର ପ୍ରୟାସକୁ ହିଁ ସାଧନା କୁହାଯାଏ । ଏହି ପ୍ରକ୍ରିୟାରେ ବ୍ୟକ୍ତି ନିଜର ପରମଶକ୍ତିଶାଳୀ ସ୍ୱରୂପର ଅନୁଭୂତି ଦିଗରେ ଅଗ୍ରସର ହୋଇଥାଏ । ଏବେ ନିଜର ଚତୁର୍ଦ୍ଦିଗରେ ଯେଉଁ ଦୀନ– ହୀନ, କ୍ଷୁଦ୍ର–ଦୟନୀୟ ଅବସ୍ଥାରେ ପଡ଼ି ରହିଥିବାର ସେ ଅନୁଭବ କରିଥାଏ, ଏହାକୁ ନିଜର ହିଁ କର୍ତ୍ତୃତ୍ୱର ଉତ୍ପାଦ ମାନି ଏହାକୁ ବୁଢ଼ିଆଣୀର ଜାଲ ପରି ସାଉଁଟି ଏକାଠି କରିଦିଏ ।

ସେ ବୁଝି ପାରେ ଯେ ତା'ର ବର୍ତ୍ତମାନ ଦଶା ନିଜର ହିଁ କର୍ମ, ମାନ୍ୟତା ଓ ସ୍ୱ-ଧାରଣାର ଫଳ ଏବଂ ପରିଣାମ ଅଟେ । ଯେଉଁ ଭବବନ୍ଧନ, ଶିକୁଳିରେ ସେ ନିଜକୁ ବାନ୍ଧି ହୋଇଥବା ଅନୁଭବ କରେ, ଏ ସବୁ ମାୟା ନୁହେଁ, ବରଂ ନି ଜର ହିଁ ପ୍ରତି ଗ୍ରାମୀ ମାନ୍ୟତାଗୁଡ଼ିକର ପ୍ରତିକ୍ରିୟା ମାତ୍ର । ନିଜର ଗୁଣ, କର୍ମ, ସ୍ୱଭାବରେ ବାଞ୍ଛିତ ପରିବର୍ତ୍ତନ ଆଣିବା ଦ୍ୱାରା ସେ ଏଥିରୁ ବାହାରି ଆସିପାରେ ।

ଏହା ପ୍ରକାରାନ୍ତରେ ଆତ୍ମବଳ ଜାଗରଣର ପ୍ରକ୍ରିୟା ଅଟେ, ଯାହାର ପ୍ରକାଶରେ ନଗଣ୍ୟ ମାନବ ଜୀବନ ବିଭୂତିବାନ୍ ଓ ବହୁମୂଲ୍ୟର ହୋଇଯାଏ । ଏହାର ଆଧାରରେ ବ୍ୟକ୍ତି ଅନୁକରଣୀୟ ଉଦାହରଣ ପ୍ରସ୍ତୁତ କରି ଭବିଷ୍ୟତର ଭାଲରେ ନିଜର ଅଲିଭା ଛାପ ଛାଡ଼ିଥାଏ ଏବଂ ନରରତ୍ନ ରୂପେ ମାନବୀୟ ଇତି ହାସର ପୃଷ୍ଠାଗୁଡ଼ିକରେ ନିଜର ଅନୁକରଣୀୟ ଉପସ୍ଥିତି ଦରଜ କରିଥାଏ । ଏହାର ମୂଳରେ ଆତ୍ମବଳର ପ୍ରଧାନତା କାରଣ ରୂପେ ରହିଥାଏ, ଯାହା ଆତ୍ମଚେତନାର ଭୂମିକାରେ ଜାଗ୍ରତ ହେବାର ଶୁଭ ପରିଣାମ ହୋଇଥାଏ । 'ମୁଁ ଆତ୍ମା', ଯଦି ଏହି ମାନ୍ୟତା ଗହନ ଅନ୍ତରଙ୍ଗରେ ପ୍ରବେଶ କରିଯାଏ, ଦେହ ମନରୁ ଉପରକୁ ଉଠିଥିବା ଈଶ୍ୱରୀୟ ପବିତ୍ରତା ଏବଂ ମହାନତାରେ ଯୁକ୍ତ ଆତ୍ମାକୁ ନିଜ ଜୀବନର ଆଧାର କରି ଦିଆଯାଏ, ନିଜର ଗତିବିଧିଗୁଡ଼ିକୁ ଆତ୍ମାର କର୍ତ୍ତବ୍ୟ ଓ ଗୌରବ ଅନୁରୂପ କରି ଦିଆଯାଏ, ତ ଏହି ଭାବନାର ପ୍ରତିଧ୍ୱନି ପ୍ରତି ଲୋମକୂପରେ ଗୁଞ୍ଜି ଉଠିବ ଏବଂ ନୂତନ ଭାବେ ବିଚାର ଉଠିବ ଯେ ଜୀବନର ଲକ୍ଷ୍ୟ, କର୍ତ୍ତବ୍ୟ ଓ ଗନ୍ତବ୍ୟ କ'ଣ ? ଏହାର ଉତ୍ତର କଠିନ ନୁହେଁ, ବାହାରେ କେଉଁଠି ନୁହେଁ, ବରଂ ନିଜର ହିଁ ଅନ୍ତଃକରଣରେ ମିଳିବ ।

ଆତ୍ମଚେତନାର ଭୂମିକାରେ ଅନ୍ତଃକରଣ ଜାଗି ଉଠିଲେ, ଏହାକୁ ମହାନତମ ସୌଭାଗ୍ୟ ହିଁ କୁହାଯିବ । ଈଶ୍ୱରଙ୍କର ସବୁଠାରୁ ବଡ଼ ଅନୁଗ୍ରହ, ଦେବତାମାନଙ୍କର ସବୁଠାରୁ ବଡ଼ ବରଦାନ, ଗୁରୁଜନମାନଙ୍କର ସବୁଠାରୁ ବଡ଼ ଆଶୀର୍ବାଦ, ଏହା ହିଁ ତ ହୋଇଥାଏ । ମନୁଷ୍ୟ ଜୀବନର, ଏହି ନର ତନୁର ସାର୍ଥକତା ଏହି ମହାନ୍ ଜାଗରଣ ଉପରେ ଅବଲମ୍ବିତ ।

ଯିଏ ଏହି ଭୂମିକାରେ ଜାଗି ଉଠେ, ସେ ନିଜର ଅନ୍ତରଙ୍ଗ ଓ ବହିରଙ୍ଗ ଜୀବନକୁ ଉତ୍କୃଷ୍ଟତାର ଛାଞ୍ଚରେ ଢାଳିଦିଏ ଏବଂ ତା'ର ଗତିବିଧିଗୁଡ଼ିକ ଆଦର୍ଶବାଦିତାର ମହାନ୍ ପ୍ରକାଶ ହୋଇ ଇତିହାସର ପୃଷ୍ଠାଗୁଡ଼ିକରେ ଚମକିବାରେ ଲାଗେ । ସ୍ୱାତି ବିନ୍ଦୁ ପଡ଼ିବା ପରେ ଶୀପରେ ମୋତି, କଦଳୀରେ କର୍ପୂର, ବାଉଁଶରେ ବଂଶଲୋଚନ, ସର୍ପଠାରେ ମଣି ଉତ୍ପନ୍ନ ହେବାର କଥା ଏଠାରେ ଚରିତାର୍ଥ ହୋଇଥାଏ ।

ଏହି ପ୍ରକାର ଆତ୍ମଚେତନାର ଭୂମିକାରେ ଜାଗ୍ରତ ହୋଇଥିବା ମନୁଷ୍ୟ ନରରୁ ନାରାୟଣ ହୋଇଯାଏ, ଜୀବରୁ ଶିବର ଅବସ୍ଥାକୁ ପାଇଥାଏ । ଏହି ଅବସ୍ଥାରେ ଜାଗିଥିବା ମାନବ ଅନୁଭବ କରେ ଯେ ସେ ଶରୀର ଓ ମନ ନୁହେଁ, ଅବିନାଶୀ ଆତ୍ମା ଅଟେ ।

ସେ ଚିନ୍ତନ କରିଥାଏ ଯେ ମୋତେ ଏହି ସୁରଦୁର୍ଲଭ ଜୀବନ ଶରୀର ଓ ମନର ଜ୍ୱାଳା ଶାନ୍ତ କରିବା ପାଇଁ ନୁହେଁ, ବରଂ ଆତ୍ମାର ଗୌରବକୁ ଅଭିବ୍ୟକ୍ତ କରିବା ପାଇଁ ମିଳିଛି ଏବଂ ତାହାର ଏକ-ଏକ କ୍ଷଣର ସଦୁପଯୋଗ ମୋତେ କରିବାକୁ ହେବ ।

ସାଧାରଣତଃ ଚିର ପରିଚିତ, ଚିର ଅଭ୍ୟସ୍ତ ପୁରୁଣା ମାନ୍ୟତା ଓ ଗତିବିଧଗୁଡ଼ିକ ପ୍ରତି ମୋହ-ମମତା, ଆର୍ଥିକ ପ୍ରଗତି, ଜୀବନ ଉତ୍କର୍ଷର ବିରୋଧୀ ହୋଇଥାଏ । ପୁରୁଣା ଦୋଷ-ଦୁର୍ଗୁଣ, ଅବାଞ୍ଛନୀୟ କ୍ରିୟାକଳାପ, ମୋହ – ମମତାରୁ ନିବୃତ୍ତ ନ ହେଲେ ବ୍ୟକ୍ତି ପୁରୁଣା ପ୍ରଥାରେ ହିଁ ଚାଲିଥାଏ । ଚିର ଅଭ୍ୟାସର ଅବସ୍ଥା କାଏମ ରହିଥାଏ ଅନୀତି ଓ ପାପର କ୍ରମ ଚାଲିଥାଏ । ଜୀବାତ୍ମା ଅର୍ଜୁନଙ୍କ ପରି ଦ୍ୱନ୍ଦ୍ୱ ଓ ବିଷାଦର ଅବସ୍ଥାରେ ପଡ଼ି ରହିଥାଏ । ଯେଉଁଠି ଗାଣ୍ଡୀବ ତଳେ ପଡ଼ି ରହିଥାଏ ଏବଂ ନିଜର ନିମ୍ନ 'ସ୍ୱ' ସହିତ କିପରି ଲଢ଼େଇ କରାଯିବ, ତାହା ବୁଝି ହୋଇ ନଥାଏ । ଧର୍ମ ସଂକଟର ବେଳାରେ ଆତ୍ମା ମହାଭାରତର ଅର୍ଜୁନଙ୍କ ସ୍ଥିତିରେ ଠିଆ ହୋଇଯାଏ ।

ଏଠାରେ ସାଧନା-ସମର ଓ ଆନ୍ତରିକ ସଂଘର୍ଷର ସ୍ଥିତି ସାଧକକୁ ଉଦ୍ଧାର କରିଥାଏ, ପାର କରିଥାଏ । ଆତ୍ମଭୂମିକାରେ ଜାଗ୍ରତ ବ୍ୟକ୍ତି ନିଜର ବର୍ଷ ମାନ ଗତିବିଧିଗୁଡ଼ିକ ଉପରେ ଦୃଷ୍ଟି ପକାଇଥାଏ, ତ ତାକୁ ଏହା ନିରର୍ଥକ ବାଳକ୍ରୀଡ଼ା ଲାଗିଥାଏ । ଟିକିଏ ପେଟ ଭର୍ତ୍ତି କରିବା, ଅଳ୍ପ ଟିକିଏ ପରିଶ୍ରମ କରି ଜୀବନ ବିତାଇବା, ପୁଣି ଅଧାଧିକ ଧନ ରୋଜଗାର କରିବାର ଲୋଭ, କୁକୁର ପରି ଶୁଖିଲା ହାଡ଼ ଚୋବାଇବା, କଳ ମାଢ଼ିର ରକ୍ତ ପିଇ ପ୍ରସନ୍ନ ହେବା, ଇନ୍ଦ୍ରିୟ ବାସନା ପାଇଁ ଜୀବନ ତତ୍ତ୍ୱକୁ ଚିପୁଡ଼ିଦେବାରେ କେଉଁ ବୁଦ୍ଧିମତ୍ତା ରହିଛି ?

ଏହି ବୋଧ ସହିତ ସାଧକ ନିଜର ଜାଗ୍ରତ ସଂକଳ୍ପ ପୂର୍ବକ ପ୍ରଚଣ୍ଡ ସାଧନାତ୍ମକ ପୁରୁଷାର୍ଥରେ ପ୍ରବୃତ୍ତ ହୋଇଥାଏ ଏବଂ ପ୍ରାରବ୍ଧର ଜଟିଳ ଚଟାଣକୁ ଭେଦି ଆତ୍ମଜାଗରଣର ଭୂମିକାରେ ପ୍ରତିଷ୍ଠିତ ହୋଇଥାଏ, ସେହି ଆତ୍ମବଳ ଅର୍ଜନ କରିଥାଏ, ଯାହା ସାଙ୍ଗରେ ଥିଲେ ଅଧାତ୍ମରେ କିଛି ବି ପାଇବା ତା' ପାଇଁ ଅସମ୍ଭବ ହୋଇ ନଥାଏ ।

**ଟିକିଏ ହସନ୍ତୁ**

ପୁଅକୁ ଅନେକ ସମୟ ଧରି ଫୋନ୍‌ରେ କଥା ହେଉଥିବା ଦେଖିବା ପରେ ବାପା : ଫୋନ୍‌ରେ କିଏ ଥିଲା ?
ପୁଅ : ମୋ ସାଙ୍ଗ ।
ବାପା : ସତ କହ, ବାସ୍ତବରେ କିଏ ଥିଲା ?
ପୁଅ : ବାପା 'ବାସ୍ତବ'ରେ ସଞ୍ଜୟ ଦତ୍ତ ଥିଲେ ।

× × × × ×

ଆକ୍ସିଡେଣ୍ଟ କେସ୍‌ରେ କୋର୍ଟରେ ଶୁଣାଣି ଚାଲିଥାଏ ।
ଜଜ୍ : ପ୍ରମାଣ ଦେଇ କହିପାରିବ ଯେ, ତମେ ଗାଡି ଧୀରେ ଚଲଉଥିଲ ।
ଆରୋପୀ : ହଁ, ଆଜ୍ଞା । ମୁଁ ମୋ ସ୍ତ୍ରୀକୁ ଆଣିବା ଲାଗି ଶ୍ୱଶୁର ଘରକୁ ଯାଉଥିଲି ।

× × × × ×

ଭୋଟର ମତଦାନ ଅଧିକାରୀଙ୍କୁ ଆଜ୍ଞା ଆପଣ ଆଙ୍ଗୁଠିରେ ଯେଉଁ ସ୍ୟାହି ଲଗାଉଛନ୍ତି ତାହା କେତେଦିନ ପରେ ଛାଡ଼ିବ ?
ମତଦାନ ଅଧିକାରୀ : ପ୍ରାୟ ୪ ମାସ ।
ଭୋଟର ନିଜ ମୁଣ୍ଡକୁ ଦେଖାଇ : ଦୟାକରି ମୋ ଚୁଟିରେ ଏଇ ସ୍ୟାହି ଲଗେଇ ଦିଅନ୍ତୁ । ଡାଇ ଲଗେଇଲେ ତ ମାତ୍ର ୧୫ ଦିନରେ ଛାଡି ଯାଉଛି ।



× × × ×

ଶିକ୍ଷକ ମଣ୍ଟୁକୁ : ତୁ ପାଠପଢାରେ ଧାନ କାହିଁକି ଦଉନୁ ?
ମଣ୍ଟୁ : ସମସ୍ତେ ଦୁଇଟି କାରଣ ପାଇଁ ପଢନ୍ତି ।
ଶିକ୍ଷକ : କହ ତ ଦେଖି ସେ ଦୁଇଟା କାରଣ ।
ମଣ୍ଟୁ : ପ୍ରଥମଟି ହେଉଛି ଭୟରେ ଓ ଦ୍ୱିତୀୟଟି ହେଉଛି ସଉକରେ । ମୁଁ ବିନା କାରଣରେ କୌଣସି ସଉକ ରଖେନା । ଆଉ ଭୟ ତ ମୁଁ କାହାର ବାପାକୁ ବି କରେନା । ସେଇଥିପାଇଁ ପଢୁ ନାହିଁ ।

× × × × ×

ସ୍ତ୍ରୀ ସ୍ୱାମୀଙ୍କୁ : ବାହାଘର ଆଗରୁ ଯେବେ ବି ମୁଁ ତମ ପାଇଁ ଖାଇବା ତିଆରି କରି ଆଣୁଥିଲି ତମେ କମ ଖାଉଥିଲ ମତେ ଅଧିକ ଖୁଆଉଥିଲ ।
ସ୍ୱାମୀ : ହଁ, ହେଲେ ଆଜି କାହିଁକି ସେ କଥା ମନେପକଉଛ ?
ସ୍ତ୍ରୀ : ଏବେ କାହିଁକି ସେମିତି କରୁନ ? ତମ ଭଲ ପାଇବା କ'ଣ କମି ଗଲାଣି କି ?
ସ୍ୱାମୀ : ନାଇଁ, ଏବେ ତମେ ଭଲ ଖାଇବା ତିଆରି କରିବା ଶିଖିଗଲଣି ।

× × × × ×

ରାଜୁ ନିଜ ଗର୍ଲଫ୍ରେଣ୍ଡକୁ କାର୍‌ରେ ନେଉଥାଏ ।
ଗର୍ଲଫ୍ରେଣ୍ଡ : ଆମେ କୁଆଡେ ଯାଉଛେ ?
ରାଜୁ : ଲଙ୍ଗ ଡ୍ରାଇଭ୍‌ରେ ।
ଗର୍ଲଫ୍ରେଣ୍ଡ : ସୋ ରୋମାଣ୍ଟିକ୍... ଆଗରୁ କାହିଁକି କହିଲନି ?
ରାଜୁ : ମୁଁ ତ ଏବେ ହିଁ ଜାଣିଲି ଯେ,ବ୍ରେକ୍ ଲାଗୁନି ବୋଲି ।

# ଅମୃତ ଭଣ୍ଡାର ଉପକାରିତା

କଞ୍ଚାଠୁ ଆରମ୍ଭ କରି ପାଚିଲା ଯାଏ ଅମୃତଭଣ୍ଡା ଖୁବ୍ ଉପକାରୀ । ଏଥିସହିତ ଏଥିରେ ପ୍ରଚୁର ପରିମାଣରେ ଭିଟାମିନ ଓ ପୋଷକ ତତ୍ତ୍ୱ ଭରି ରହିଛି । ଏଥିରେ ପ୍ରୋଟିନ୍, ଫାଇବର, ଫୋଲେଟ୍, କ୍ୟାଲସିୟମ ଓ ଭିଟାମିନ୍ସ- ପୋଷକ ତତ୍ତ୍ୱ ଭରି ରହିଛି । ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିବା ସହିତ ଓଜନ କମ ରଖିଥାଏ ଓ ଇମ୍ୟୁନିଟି ମଜଭୁତ କରିବାରେ ସହାୟତା ପ୍ରଦାନ କରିଥାଏ ।

ତେବେ ଏହାର ମଞ୍ଜି ମଧ ସ୍ୱାସ୍ଥ୍ୟ ଲାଗି ଖୁବ୍ ଉପକାରୀ । ଏହି ମଞ୍ଜିରେ ଫ୍ୟାଟି ଏସିଡ, ଫାଇବର, ସୋଡିୟମ ଓ କାର୍ବୋହାଇଡ୍ରେଟ୍ ଗୁଣ ପ୍ରଚୁର ମାତ୍ରାରେ ରହିଛି । ଏହି ମଞ୍ଜି ଖାଇବା ଦ୍ୱାରା ଶରୀରରେ ବହୁ ପ୍ରକାର ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦୂର ହୋଇଥାଏ ।

କୋଲେଷ୍ଟ୍ରଲ ନିୟନ୍ତ୍ରଣ ରହେ: କୋଲେଷ୍ଟ୍ରଲ ବଢି ଯାଇଥିଲେ ଅମୃତଭଣ୍ଡା ମଞ୍ଜି ଦ୍ୱାରା ଉପଚାର କରାଯାଇ ପାରେ । ଏହାର ମଞ୍ଜିରେ ଥିବା ମୋନୋସାଚୁରେଟେଡ ଫ୍ୟାଟ ଶରୀରରେ ଥିବା ଖରାପ କୋଲେଷ୍ଟ୍ରଲ ହ୍ରାସ କରିଥାଏ ଏବଂ ହୃଦୟ ସମ୍ବନ୍ଧୀୟ ରୋଗର ଆଶଙ୍କା ଦୂରକରେ । ଏହା ମଧ ଆହୁରି କିଛି ରୋଗ ଭଲ କରିଥାଏ ।



କୋଷିକା ଲାଗି ଉପକାରୀ: ଅମୃତଭଣ୍ଡା ମଞ୍ଜି ସେବନ କରିବା ଦ୍ୱାରା ଏହା ଅନ୍ତକୋଷକୁ ସୁସ୍ଥ ରଖିଥାଏ । ଏହାକୁ ନିୟମିତ ସେବନ କରିବା ଦ୍ୱାରା କୋଷିକାରେ ଥିବା ବ୍ୟାଡ୍ ବ୍ୟାକ୍ଟେରିଆ ନଷ୍ଟ ହୋଇଯାଏ, ଯଦ୍ୱାରା କୋଷିକାଗୁଡିକ ହେଲଦୀ ରହିଥାଏ ।

ଓଜନ ହ୍ରାସ କରେ: ଏହି ମଞ୍ଜିକୁ ସେବନ କରିବା ଦ୍ୱାରା ଓଜନ ନିୟନ୍ତ୍ରଣ ରହିଥାଏ । ଏହା ପେଟର ଫ୍ୟାଟ ବୃଦ୍ଧି ହେବାକୁ ଦିଏ ନାହିଁ । ଅନ୍ୟପକ୍ଷରେ ଏଥିରେ ଥିବା ଫାଇବର ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା ସହିତ ମେଟାବଲିଜମ ଠିକ୍ ରଖିଥାଏ । ଏହି ମଞ୍ଜିକୁ ଡାଏଟରେ ସାମିଲ କରିବା ଦ୍ୱାରା ଆପଣଙ୍କୁ ଦୀର୍ଘ ସମୟ ଭୋକ ହେବ ନାହିଁ ଓ ଯେଉଁଥି ପାଇଁ ଓଜନ ବଢ଼ିବାକୁ ଦିଏ ନାହିଁ ।

ପିରିୟଡ୍ ଯନ୍ତ୍ରଣା ଲାଘବ: ଏହି ମଞ୍ଜି ପିରିୟଡ୍ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଏଥିରେ ରହିଥିବା ତତ୍ତ୍ୱ କ୍ୟାରୋଟିନ୍ ଆଷ୍ଟୋଜନ ଭଳି ହର୍ମୋନ୍ସ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଦେହ ଘୋଳାବିନ୍ଧା ଯନ୍ତ୍ରଣା, କଷ୍ଟ, ଥକ୍କାପଣ ଏବଂ ଅବସାଦ ଓ ଦୁର୍ବଳତା ଦୂର କରିଥାଏ । ପିରିୟଡ୍ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଏହି ମଞ୍ଜିର ପାଉଡରକୁ ଆପଣଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରିପାରିବେ ।

ବ୍ୟବହାର ପ୍ରଣାଳୀ: ମଞ୍ଜିକୁ ଖରାରେ ଶୁଖାଇ ପାଉଡର ପ୍ରସ୍ତୁତ କରନ୍ତୁ । ୧ଚାମଚ ପାଉଡରକୁ ସକାଳ ଓ ସନ୍ଧ୍ୟାରେ ଖାଲିପେଟରେ ଗରମ ପାଣିରେ ସେବନ କରନ୍ତୁ ।

## ଆପଣ ଜାଣନ୍ତି କି ?

- ୧୯୬୬ ଡିସେମ୍ବର ୨୨ ରେ ୧୦ ତମ ଶିଖ୍ ଗୁରୁ, ଗୁରୁ ଗୋବିନ୍ଦ ସିଂହ ଜନ୍ମ ହୋଇଥିଲେ ।
- ୧୯୩୪ ଡିସେମ୍ବର ୧୯ ରେ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ପ୍ରତିଭା ପାଟିଲ୍ ଜନ୍ମ ହୋଇଥିଲେ ।
- ୧୯୭୧ ଡିସେମ୍ବର ୧୬ରେ ଭାରତ ବଙ୍ଗଳା ଦେଶ ଯୁଦ୍ଧରେ ପାକିସ୍ତାନକୁ ହରାଇଥିଲା ।
- ୧୯୬୧ ଡିସେମ୍ବର ୧୮ରେ ଗୋଆ, ଦାମନ ଓ ଡିଉକୁ ମୁକ୍ତ କରିବା ପାଇଁ ଭାରତ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା ।
- ୧୯୯୭ ଡିସେମ୍ବର ୨୭ ରେ ଭାରତୀୟ କବି ମିର୍ଜା ଗାଲିବ ଜନ୍ମ ହୋଇଥିଲେ ।
- ୧୮୮୫ ଡିସେମ୍ବର ୨୮ ରେ ବିଶ୍ୱର ସବୁଠାରୁ ବଡ଼ ଓ ପୁରୁଣା ରାଜାନୈତିକ ଦଳ ଭାରତୀୟ ଜାତୀୟ କଂଗ୍ରେସର ମୂଳଦୁଆ ପଡ଼ିଥିଲା ।
- ୧୮୯୪ ଜାନୁଆରୀ ୧ରେ ଭାରତୀୟ ପଦାର୍ଥ ବିଜ୍ଞାନ ସତ୍ୟେନ୍ଦ୍ର ନାଥ ବୋଷ ଜନ୍ମ ହୋଇଥିଲେ ।
- ୧୯୪୨ ଡିସେମ୍ବର ୨୯ରେ ବଲିଉଡର ପ୍ରଥମ ସୁପର ଷ୍ଟାର ରାଜେଶ ଖାନ୍ନା ଜନ୍ମ ହୋଇଥିଲେ ।
- ୧୯୫୦ ଡିସେମ୍ବର ୧୫ରେ 'ଆଇରନ ମ୍ୟାନ୍' ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ମୃତ୍ୟୁବରଣ କରିଥିଲେ ।
- ୨୦୧୨ ଡିସେମ୍ବର ୨୦ରେ ନରେନ୍ଦ୍ର ମୋଦୀ ଲଗାତାର ତୃତୀୟ ଥର ପାଇଁ ଗୁଜରାଟ ବିଧାନସଭା ନିର୍ବାଚନ ଜିତିଥିଲେ ।

# ଓଜନ ହ୍ରାସ ଲାଗି ଆହାର



ଆମେରିକାର ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଓଜନ ହ୍ରାସ ପାଇଁ ଶାରୀରିକ ବ୍ୟାୟାମ ତୁଳନାରେ ଉପଯୁକ୍ତ ଏବଂ ସନ୍ତୁଳିତ ଆହାର ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । କୁହାଯାଇଛି ଯେ, ଖାଦ୍ୟ ହଜମ ପ୍ରକ୍ରିୟାରେ ୧୦ ପ୍ରତିଶତ କ୍ୟାଲୋରୀ ନଷ୍ଟ ହେବାବେଳେ ବ୍ୟାୟାମ ଦ୍ୱାରା ୫-୧୫ ପ୍ରତିଶତ କ୍ୟାଲୋରୀ ନଷ୍ଟ ହୋଇଥାଏ । କିନ୍ତୁ ତାହାର ଅର୍ଥ ନୁହେଁ ଯେ, ବ୍ୟାୟାମ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଅଧ୍ୟୟନ ମୁତାବକ ବ୍ୟାୟାମ ତୁଳନାରେ ଅପେକ୍ଷାକୃତ ଭାବେ ସନ୍ତୁଳିତ ଆହାର ଉତ୍ତମ ସ୍ୱାସ୍ଥ୍ୟ କାରକ । ଓଜନ ହ୍ରାସ ନିମନ୍ତେ ଉଦ୍ଦିଷ୍ଟ ଆହାର ଗୁଡିକ ହେଲା ଛତୁଆ, ଭେଜିଟେବଲ ସୁପ୍, ଅଣ୍ଡା, ମକା, ସତେଜ ଫଳ । ଏହା ଓଜନ ହ୍ରାସ ଲାଗି ସନ୍ତୁଳିତ ଆହାର, ଯେଉଁଥିରେ ପ୍ରଚୁର ପରିମାଣରେ ପ୍ରୋଟିନ୍, କ୍ୟାଲସିୟମ, ଫାଇବର, ମିନେରାଲ, ଭିଟାମିନ୍ ରହିଥାଏ । ଏଣୁ ନିତିଦିନ ଉପଯୁକ୍ତ ଅନୁପାତରେ ଏହାକୁ ଖାଆନ୍ତୁ ଏବଂ ଓଜନ କମାନ୍ତୁ ।

# ସ୍ୱାସ୍ଥ୍ୟ ପକ୍ଷେ ହିତକାରୀ ଗୁଜୁରାତି

ଗୁଜରାତି ଭାରତର କେରଳ, କର୍ଣ୍ଣାଟକ ଓ ତାମିଲନାଡୁର ପଶ୍ଚିମ ପାର୍ଶ୍ୱରେ ଚାଷ କରାଯାଇଥାଏ । ପ୍ରତି ୧୦୦ ଗ୍ରାମ୍ ଗୁଜୁରାତିରେ ଶ୍ୱେତସାର ୬୫ ଗ୍ରାମ୍, ପୁଷ୍ଟିସାର ୧୦ ଗ୍ରାମ, ସ୍ନେହସାର ୫.୭ ଗ୍ରାମ୍, ଜୀବସାର ସି, ବି, ପୋଟାସିୟମ୍, କ୍ୟାଲସିୟମ୍ ୩୫୦ ମି.ଗ୍ରା, ଲୌହ ୧୪.୧ ମି.ଗ୍ରା ମିଳିଥାଏ ।



ଗୁଜୁରାତି ମଞ୍ଜିରେ ଅନେକ ପ୍ରକାରର ତେଲ ଯଥା ନେରୋଲ୍, ମିତାଇଲ ୟୁଜେନଲ ଭଳି ପଦାର୍ଥ ଥାଏ, ଯାହା ଫଳରେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଏ । ଗୁଜୁରାତି ଏକ ସୁପାଚକ ଭଳି କାର୍ଯ୍ୟ କରେ । ଏଥିରେ କ୍ୟାଲସିୟମ୍ ଥିବାରୁ ଏହା ଖାଇଲେ ହାଡ଼ ଶକ୍ତ ହୋଇଥାଏ । ପାଟି ଦୁର୍ଗନ୍ଧ କମାଇବାରେ ଏହି ମଞ୍ଜି ସାହାଯ୍ୟ କରେ । ହୃଦଯନ୍ତ୍ର ପାଇଁ ମଧ ଗୁଜୁରାତି ଅତ୍ୟନ୍ତ ଉପକାରୀ । ଗୁଜୁରାତି ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ରୂପେ କରିବାରେ କାମ କରେ ।

# ସ୍ୱାସ୍ଥ୍ୟପ୍ରଦ ଲାଲ୍ ଅଙ୍ଗୁର

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ସବୁ ରଙ୍ଗର ଅଙ୍ଗୁର ମଧ୍ୟରୁ ଲାଲ୍ ରଙ୍ଗର ଅଙ୍ଗୁର ସବୁଠୁ ଅଧିକ ଲାଭପ୍ରଦ । କାରଣ ଏଥିରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥାଏ । ଲାଲ୍ ଅଙ୍ଗୁରରେ ସର୍ବାଧିକ ଆଣ୍ଟିଅକ୍ସିଡାଣ୍ଟ ରହିବା ସହିତ ପ୍ରଚୁର ପରିମାଣରେ ଭିଟାମିନ୍ ଏ ଭିଟାମିନ୍ ସି, କ୍ୟାଲସିୟମ୍ ଏବଂ ଆଇରନ୍ ରହିଛି । ଖାଦ୍ୟ ବିଶେଷଜ୍ଞଙ୍କ ଅନୁସାରେ, ଏକ କପ୍ ଲାଲ୍ ଅଙ୍ଗୁରରେ ୫୨ କ୍ୟାଲୋରୀ, ୧ ଗ୍ରାମ ପ୍ରୋଟିନ୍, ୧୪ ଗ୍ରାମ କାର୍ବୋହାଇଡ୍ରେଟ୍, ୧ ଗ୍ରାମ ଫାଇବର୍ ଥିବାବେଳେ ଚର୍ବି ଆଦୌ ନାହିଁ । ଲାଲ୍ ଅଙ୍ଗୁରରେ ଅନେକ ପ୍ରକାରର ଆଣ୍ଟିଅକ୍ସିଡାଣ୍ଟର ଥିବାରୁ ଏହା ଅନେକ ରୋଗର ଆଶଙ୍କା ହ୍ରାସ କରିଥାଏ ।



ହୃଦ୍‌ଘାତର ଆଶଙ୍କା କରେ ହ୍ରାସ: ଲାଲ୍ ଅଙ୍ଗୁର ନିୟମିତ ଏବଂ ସୀମିତ ପରିମାଣରେ ଖାଇଲେ ସମସ୍ତ ପ୍ରକାରର ହୃଦ୍‌ରୋଗ ସମ୍ବନ୍ଧୀୟ ଜଟିଳତା ଦୂର ହୁଏ । ଲାଲ ଅଙ୍ଗୁରରେ ଫ୍ଲାଭୋନାଏଡ ଏବଂ ପଲିଫେନୋଲ୍ସ ନାମକ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ରକ୍ତବାହୀ ଶିରାପ୍ରଶିରା ଓ ସ୍ନାୟୁକୁ ଆରାମ ଦେଇଥାଏ ଏବଂ ହୃତ୍‌ପିଣ୍ଡରେ ଇନ ଫ୍ଲାମେସନ୍‌କୁ ହ୍ରାସ କରିଥାଏ । ଏହାଦ୍ୱାରା ହୃଦ୍‌ଘାତ କିମ୍ବା ଷ୍ଟ୍ରୋକର ଆଶଙ୍କାକୁ ବହୁତ କମ୍ ହୋଇଥାଏ ।

ମଧୁମେହ ନିୟନ୍ତ୍ରଣ: ଲାଲ୍ ଅଙ୍ଗୁରରେ ପର୍ଯ୍ୟାପ୍ତ ପରିମାଣର କାର୍ବୋହାଇଡ୍ରେଟ୍ ଥିଲେ ମଧ ଗ୍ଲାଇସେମିକ୍ ଇଣ୍ଡେକ୍ସ ବହୁତ କମ୍ ଥାଏ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ରକ୍ତରେ ଶର୍କରା ବୃଦ୍ଧି କରିବାକୁ ଦିଏ ନାହିଁ । ମଧୁମେହ ରୋଗୀ ଡାକ୍ତରଙ୍କ ପରାମର୍ଶ ପରେ ଲାଲ୍ ଅଙ୍ଗୁର ଖାଇବା ଉଚିତ ।

ଓଜନ ହ୍ରାସ କରିବାରେ ସହାୟକ: ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନଙ୍କ ପାଇଁ ଲାଲ ଅଙ୍ଗୁର ବହୁତ ଉପକାରୀ । ଲାଲ୍ ଅଙ୍ଗୁରରେ ପର୍ଯ୍ୟାପ୍ତ ପରିମାଣର ଫାଇବର ଥାଏ, ଯାହା ଭୋକର ଅନୁଭବକୁ ବହୁତ କମ କରିଥାଏ । ଏହା ସହିତ ଲାଲ୍ ଅଙ୍ଗୁରରେ ମଧ ପ୍ରଚୁର ଜଳୀୟ ଅଂଶ ରହିଥାଏ । ଏହା ପେଟ ପୂରିବା ଭଳି ଅନୁଭବ ଦିଏ । ତେଣୁ ଓଜନ ହ୍ରାସ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଲାଲ୍ ଅଙ୍ଗୁର ଜୁସ୍ ପିଇପାରିବେ ।

ଦୃଷ୍ଟିଶକ୍ତି ବୃଦ୍ଧି: ଲାଲ୍ ଅଙ୍ଗୁର ନିୟମିତ ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ବୃଦ୍ଧି ହୁଏ । କାରଣ ଲାଲ୍ ଅଙ୍ଗୁରରେ ଥିବା ଭିଟାମିନ୍ ଏବଂ ଫ୍ଲାଭୋନାଏଡ୍ ଆଖି କୋଷିକାଗୁଡ଼ିକୁ ଆରାମପ୍ରଦାନ କରିବାରେ ସାହାଯ୍ୟ କରେ ।

ମଜଭୁତ୍ କରେ ହାଡ଼: ଲାଲ୍ ଅଙ୍ଗୁରରେ ଥିବା କ୍ୟାଲସିୟମ୍ ହାଡ଼କୁ ମଜଭୁତ କରିବାରେ ସାହାଯ୍ୟ କରେ । ହାଡ଼ ଦୁର୍ବଳଜନିତ ରୋଗରେ ପୀଡ଼ିତ ବ୍ୟକ୍ତିମାନେ କେତେ ପରିମାଣରେ ଲାଲ୍ ଅଙ୍ଗୁର ଖାଇପାରିବେ, ତାହା ଦକ୍ଷ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ । କାରଣ ଶିଶୁ ଓ ବୟସ୍କଙ୍କ ପାଇଁ ଏହାର ପରିମାଣ ଭିନ୍ନ ଥାଏ ।

## କହିପାରିବେ କି ?

(୧) ଆଇନ ଇ ଆକବରୀ ପୁସ୍ତକର ଲେଖକଙ୍କ ନାମ କ'ଣ ?
(୨) 'ଡିସ୍କଭରି ଅଫ୍ ଇଣ୍ଡିଆ' ପୁସ୍ତକ କିଏ ଲେଖିଥିଲେ ?
(୩) 'ମିଡ୍ ସମର ନାଇଟ୍ସ ଡ୍ରିମ୍' ପୁସ୍ତକର ରଚୟିତା କିଏ ?
(୪) 'ଗୋ ଦାନ' ପୁସ୍ତକ କିଏ ଲେଖିଥିଲେ ?
(୫) 'ଗୀତାଞ୍ଜଳୀ' ପୁସ୍ତକର ରଚୟିତା କିଏ ?
(୬) 'ଲଜ୍ଜା' ପୁସ୍ତକ କିଏ ଲେଖିଥିଲେ ?
(୭) 'ମେଘଦୂତ' ପୁସ୍ତକର ରଚୟିତା କିଏ ?
(୮) 'ପଞ୍ଚତନ୍ତ୍ର' ପୁସ୍ତକ କିଏ ଲେଖିଥିଲେ ?
(୯) 'ପଥେର ପାଞ୍ଚାଲୀ' ପୁସ୍ତକ କାହାଦ୍ୱାରା ରଚିତ ?
(୧୦) 'ରାମ ଚରିତ ମାନସ' ପୁସ୍ତକ କିଏ ଲେଖିଥିଲେ ?

## JUMBLE WORDS

| | | | |
|---|---|---|---|
| 1) NIRLE | = | 6) NIFAT | = |
| 2) LAZWT | = | 7) TANETB | = |
| 3) DMARDE | = | 8) EPRPPE | = |
| 4) RNESOM | = | 9) CNUHH | = |
| 5) TIDYT | = | 10) KNYID | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଜ୍ୟାକ୍ ହବ୍ସ, ୨.ଟିମ୍‌କୁକ୍, ୩. କ୍ଲାଫିଙ୍ଗ ଗ୍ୟାସ୍, ୪.ଓଲି,୫.ଶିଖର ଧାୱନ, ୬. କେରଳ, ୭.ହିମାଚଳ ପ୍ରଦେଶ, ୮.କର୍ଣ୍ଣାଟକ, ୯.ମିଜୋରାମ,୧୦.ରାଜସ୍ଥାନ ।

***Jumble Words* ର ଉତ୍ତର :-**

(1) PHOTO (2) HURRY (3) INVENT (4) SAFELY (5) WOOZY (6) LASSO (7) EXHALE (8) HARBOR (9) RUMMY (10) BLUNT

# ଝାରସୁଗୁଡ଼ା ଡିଏଭିରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ପାଳିତ

ଝାରସୁଗୁଡ଼ା: ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସର ମଧ୍ୟରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି



ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପ୍ରାଙ୍ଗଣରେ ଦୁଇ ଜାତିକର୍ଣ୍ଣଧାର ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ନାଥ, ଡକ୍ଟର ମଞ୍ଜୁଶ୍ରୀ ବେହୁରା, ବିଶ୍ୱରଞ୍ଜନ ପାଢ଼ୀ ଓ ନମିତା ପାଣ୍ଡେ ବକ୍ତୃତା ଓ କବିତା ମାଧ୍ୟମରେ ଗାନ୍ଧିଜୀଙ୍କ ଓ ଶାସ୍ତ୍ରୀଜୀଙ୍କ ଜୀବନାଦର୍ଶ ଉପରେ ଭାବାତ୍ମକ ତଥ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷକ ରାହାସ ବିହାରୀ ଦାଶ ଓ ଶିକ୍ଷୟିତ୍ରୀ ନାଳିମା ପଟେଲ, ଇପସିତା ରଣା, ସବିତା ଧଳ, ଗୀତାଞ୍ଜଳି ମିଶ୍ର, ଅପର୍ଣ୍ଣା ଦେ, ସୁଶ୍ରୀ ସ୍ୱାଗତିକା ଗଡ଼ନାୟକ ଓ ମନିଶା ଦେ ଗାନ୍ଧୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନତୋ' ପରିବେଷଣ କରିଥିଲେ । ଏମ.ଭି.ଏଲ.ଏନ. ରାଓ, ପଞ୍ଚାନନ ପଟେଲ, ଦେବାଶିଷ ଶ୍ୟାମଲ, ଅମରନାଥ ଯାଦବ, ଦେବଦତ୍ତ ମିଶ୍ର, ସୁମନ୍ତ ବେହେରା, ପ୍ରେମାନନ୍ଦ ମାହାନା, ଚନ୍ଦନ ପଣ୍ଡା, ମଜୁମ ସାହୁ, ଶୁଭଦତ୍ତ ପ୍ରଧାନ, ସୁଶୋଭନ ଭୌମିକ, ସୁନନ୍ଦା ପ୍ରହରାଜ, ଗାୟତ୍ରୀ ଶର୍ମା, ସଙ୍ଗୀତା ସିହ୍ନା, ରିଙ୍କୁ ଶର୍ମା, ହେମଲତା ଜୟଶ୍ୱାଲ, ପଞ୍ଚାନନ ପଣ୍ଡା, ରିଜଓ୍ୱାନ ପଟେଲ, ଅଞ୍ଜଳି ବାଲ ସୁବ୍ରମନ୍ୟନ, ବିଜୟ ଛତ୍ରିଆ, ନିତ୍ୟାନନ୍ଦ ସାହୁ, ପବିତ୍ର ମୋହନ କବି, ଏନ. ଶୁଭମ ରାଓ, ପ୍ରଦୀପ ପ୍ରଧାନ, ଏସ. ପ୍ରଜ୍ଞା ପ୍ରଦା, ପଞ୍ଚାନନ ପଣ୍ଡା, ଏ.ଏସ.ଭି. ଶ୍ରୀବାଲି, ସ୍ମିତା ସାହୁ, ନଗମା ଖାନ, ସୁମନ୍ତ ସାହୁ, ଅଲେଖ ବିହାରୀ ସାହୁ,ଆଶିଷ ପୂଜାରୀ, ମଧୁସ୍ମିତା ପଲେଇ, ସରିତା ମିଶ୍ର, ଓମ ପ୍ରକାଶ ନାଥ ଶର୍ମା, ପୁନମ, ସତ୍ୟନାରାୟଣ ଜେନା, ବନଜା ପଟେଲ ତ୍ରିଲୋଚନ ସେନାପତି ଆଦି ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ମୋନିକା ଶ୍ରୀବାସ୍ତବ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଝାରସୁଗୁଡ଼ା ଡିଏଭିରେ ସାଇବର ସୁରକ୍ଷା ସଚେତନତା ଅଭିଯାନ

ଝାରସୁଗୁଡ଼ା: ଝାରସୁଗୁଡ଼ା ପୋଲିସ ପ୍ରଶାସନ ଓ ଆଇ.ସି.ଆଇ.ସି.ଆଇ ଫାଉଣ୍ଡେସନଙ୍କ ମିଳିତ ଉଦ୍ୟମରେ ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ସାଇବର ସୁରକ୍ଷାଜନିତ ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ଜୟପୁରରେ ଉଇମେନସ କୋର୍ଟରେ କାର୍ଯ୍ୟରତା ଆସିଷ୍ଟାଣ୍ଟ ସେସନସ ଜଜ ଅଞ୍ଜଳି ମାଛଖଣ୍ଡେ, ଏସ.ଡ଼ି.ପି.ଓ. ନିର୍ମଳ ମହାପାତ୍ର, ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜୀବନ ପୁରୋହିତ, ଝାରସୁଗୁଡ଼ା ଟାଉନ ଥାନା ଆଇ.ଆଇ.ସି. ରଞ୍ଜନ କୁମାର ବରିହା ଓ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଯୁବ ଛାତ୍ରଛାତ୍ରୀମାନଙ୍କୁ ସାଇବର ଅପରାଧ ସଚେତନତା ସମ୍ବନ୍ଧୀୟ ଉପଦେଶ ଦେବା ସହିତ ସାଇବର ଠକାମିର ଶିକାର ନ ହେବା ଓ ସାଇବର ଠକାମିର ମୁକାବିଲା କରିବାର ବିଧିବିଧାନ ସମ୍ପର୍କରେ ଅବଗତ କରାଇଥିଲେ ।



ଝାରସୁଗୁଡ଼ା ସୃଜନୀ ପରିବାର ପକ୍ଷରୁ ଶଙ୍କର ପୋଢ଼ଙ୍କ ନିର୍ଦ୍ଦେଶନାରେ ପ୍ରମୋଦ ମେହେର, ପ୍ରତିଭା କିସାନ, ଗୋପାଳ ଥାପ୍ପା, ରୂପକ ବାରିକ, ଶଶୀଭୂଷଣ ତ୍ରିପାଠୀ ପ୍ରତିମା ବାଗ, କମଳ ମହାନନ୍ଦ, ଜସ୍ମିତ ସିଂ ଓ ହୃଦାନନ୍ଦ ଲୁହୁରାଙ୍କ ଦ୍ୱାରା ସାଇବର ସଚେତନତା ଅଭିଯାନ ଉପରେ ପର୍ଯ୍ୟବେସିତ କ୍ଷୁଦ୍ର ନାଟକ ମଞ୍ଚସ୍ଥ କରାଯାଇଥିଲା । ଅନ୍ତିମ ପର୍ଯ୍ୟାୟରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଲାଗି ଏକ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଏମ.ଭି.ଏଲ.ଏନ. ରାଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ମାତୃ ଶକ୍ତି ଉପରେ ଆଲୋଚନା ଓ କବିତା ପାଠୋତ୍ସବ

ସମ୍ବଲପୁର: ସିଦ୍ଧେଶ୍ୱରୀ ଧର୍ମ ସଂସଦ ତରଫରୁ ସଂସଦ ସଭାପତି ଶ୍ରୀ ଗୋପିନାଥ ଷଡଙ୍ଗୀଙ୍କ ସଭାପତିତ୍ୱରେ ସଂସଦର ଦିବଂଗତ ପୂର୍ବତନ ସମ୍ପାଦିକା ଗୀତାଞ୍ଜଳୀ ଷଡଙ୍ଗୀଙ୍କ ଦ୍ୱିତୀୟ ସ୍ମୃତି ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ




ହୋଇଯାଇଛି । ଏହି ଅବସରରେ ସମଲେଶ୍ୱରୀ ମହାବିଦ୍ୟାଳୟର +୨ଛାତ୍ରୀ ନନ୍ଦପଡାର କବି ଚିତ୍ରା ବାଗଙ୍କୁ ଦ୍ୱିତୀୟ ଗୀତାଞ୍ଜଳୀ ଷଡଙ୍ଗୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇ ମାନପତ୍ର ପ୍ରଦାନ କରାଯାଇ ଥିବା ବେଳେ ଖୁଣ୍ଡାର କବି ସୁଶ୍ରୀ ସରସ୍ୱତୀ ସାଲିମାଙ୍କୁ 'ଅଙ୍କିତା ପାଣି ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି, ବୁର୍ଲା ଏନ.ଏ.ସି ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଶ୍ରୀ ସୋମନାଥ ବିଶ୍ୱାଳ ସମ୍ମାନିତ ଅତିଥି, ସମ୍ବଲପୁର ମହିଳା ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଅଖିଳ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କବି ମମତା ନାଥ ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବର ସଂଯୋଜନା କରିଥିଲେ । ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । କବି କମଳ ଲୋଚନ ପଣ୍ଡା, ବିଭୂତି ଭୂଷଣ ମିଶ୍ର, ସବିତା ମିଶ୍ର, ସ୍ୱିତା ଷଡଙ୍ଗୀ, ମମତା ନାଥ, ଶରତ କୁମାର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେବେନ୍ଦ୍ର ପତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ

ସମ୍ବଲପୁର: ରାଉରକେଲାର ଜଣାଶୁଣା ସାମ୍ବାଦିକ ସ୍ୱର୍ଗତ ଦେବେନ୍ଦ୍ର ନାରାୟଣ ପତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ସାହିତ୍ୟିକ ଜଗଦୀଶ ପ୍ରସାଦ ପତିଙ୍କ ସଭାପତିତ୍ୱରେ ଏକ ସ୍ମୃତି ସଭା ଆୟୋଜିତ ହୋଇଥିଲା । ଏଥିରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ରଘୁନାଥ ମିଶ୍ର, ହିମାଂଶୁ ପତି, ସୁଭାଷ ପାଣିଗ୍ରାହୀ, ପ୍ର. ସୁଧୀର ମିଶ୍ର, ହେମନ୍ତ କୁମାର ମହାପାତ୍ର, ଶଶାଙ୍କ ପତି, ଝିଅ ଅନୁରାଧା, ପତ୍ନୀ ପୁଷ୍ପଲତା ପତି ଉପସ୍ଥିତ ରହି ସ୍ମୃତିଚାରଣ କରିଥିବା ବେଳେ ନରେନ୍ଦ୍ର ପ୍ରଧାନ କବିତା ପାଠ କରିଥିଲେ । ପୁତ୍ରବଧୂ ଅଭିଜିତା ପତି ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଫେସର ଶଙ୍କର ପ୍ରସାଦ ପତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।



# ଇଂ ନିକୁଞ୍ଜ ନାୟକଙ୍କ ପରଲୋକ

ସମ୍ବଲପୁର : ବୁର୍ଲାର ଇଞ୍ଜିନିୟର କଣ୍ଟ୍ରାକ୍ଟର ନିକୁଞ୍ଜ ନାୟକଙ୍କ ଚିକିତ୍ସାଧୀନ ଅବସ୍ଥାରେ ହାଇଦ୍ରାବାଦରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହେଉଥିଲା । ସେ ଜଣେ ଅତ୍ୟନ୍ତ ମେଳାପୀ, ମିଷ୍ଟ ଭାଷୀ, ଜଣେ ଦକ୍ଷ ଫୁଟ୍‌ବଲ୍ ଖେଳାଳି ଥିଲେ । ସେ ବୁର୍ଲା କ୍ରୀଡ଼ା ସଂଘ ସଭାପତି ମଧ୍ୟ ଥିଲେ । ସେ ପ୍ରଥମ କରି ଭିସ୍କଟ୍‌ରେ ନିର୍ମିତ ପ୍ରେକ୍ଷାଳୟ ବିନା ପିଲର୍ ରେ ନିର୍ମାଣ କରି ୟୁନିକ୍ ଇନ୍. ଇଣ୍ଡିଆରେ ସମ୍ମାନିତ ହୋଇଥିଲେ । ତାଙ୍କ ବିୟୋଗରେ ବୁର୍ଲା ହାଇସ୍କୁଲର ପୁରାତନ ଛାତ୍ର ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

ସେହିପରି ଶ୍ରୀ ନାୟକଙ୍କ ବିୟୋଗରେ ବୁର୍ଲା ବରିଷ୍ଠ ନାଗରିକ ଫୋରମର ସଭାପତି ଆଇନଜୀବୀ ପ୍ରମୋଦ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକ ସଭାରେ ପ୍ରଫେସର ଡାକ୍ତର ମୀନକେତନ କର, ଡାକ୍ତର ଅଭୟ କୁମାର ରାୟଗୁରୁ, ଇଂ ସୁରେନ୍ଦ୍ର ସିଂ କାବୁଲି, ରାଜକିଶୋର ଜାଯୋଡ଼ିଆ, ରଣଜିତ ପଟ୍ଟନାୟକ, ରବି ନାଏକ, ଅଶ୍ୱିନୀ କୁମାର ଆଚାର୍ଯ୍ୟ, ପ୍ରଫେସର ବିଜୟ କୁମାର ତ୍ରିପାଠୀ, ନିରଞ୍ଜନ ପଟ୍ଟନାୟକ, ଡାକ୍ତର ବ୍ରଜମୋହନ ମିଶ୍ର, ହିମାଂଶୁ ଶେଖର ଠାକୁର ଓ ଅନେକ ସଦସ୍ୟ ଉପସ୍ଥିତ ରହି ତାଙ୍କର ଅମର ଆତ୍ମାର ସଦଗତି କାମନା କରିଥିଲେ ।

# ଝାରସୁଗୁଡ଼ାରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଝାରସୁଗୁଡ଼ା: ଡିଏସପି, ସିଡବ୍ଲୁସି ଅଧ୍ୟକ୍ଷ, ଡିଏସଡବ୍ଲ୍ୟୁଓ,ଡିଏଲଓ, ଡିସିପିଓ ତଥା ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ପ୍ରମୁଖଙ୍କ ଉପସ୍ଥିତିରେ ତ୍ରୟ ମାସିକ ଧାର୍ଯ୍ୟ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ମିଶନ ବାତ୍ସଲ୍ୟ ଓ ଶିଶୁଙ୍କ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ଗୁଡ଼ିକୁ ସମୟାନୁଭିତ୍ତିକ ଭାବରେ ରୂପାୟନ ପାଇଁ ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଏହି ମର୍ମରେ ନିର୍ଦ୍ଦେଶ ଦେବା ସହ ସମ୍ପୃକ୍ତ ଅଧିକାରୀମାନେ ଯୋଜନା ଗୁଡ଼ିକୁ ଯେପରି ସଠିକ ଭାବରେ କାର୍ଯ୍ୟକାରୀ କରାଯିବ ସେ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦା ମହାରଣା ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକର ଅଗ୍ରଗତି ସମ୍ପର୍କରେ ସୂଚନା ଦେବା ସହ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ଶିଶୁ ସୁରକ୍ଷା ସମ୍ପର୍କିତ ବୈଠକ ଯେପରି ନିୟମିତ ଭାବରେ ଅନୁଷ୍ଠିତ ହେବ ସେ ଦିଗରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଶିଷ ପଣ୍ଡା, ଡାକ୍ତର ସୁପ୍ରଭା ବାରିକ,ଡିଏଲଓ ସୁନିତା କିଷାନ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଣ୍ୟବତୀ ହେଲେନ ଖେସ, ଡିଏସପି ଲଳିତା ଲାରା ଓ ଶିକ୍ଷା ବିଭାଗର ଅଧିକାରୀ ପ୍ରମୁଖ ବୈଠକରେ ତଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

# ବେଲପାହାଡ଼ ପୌର ପରିଷଦର ନୂତନ ନିର୍ବାହୀ ଅଧିକାରୀ

ଝାରସୁଗୁଡ଼ା: ବେଲପାହାଡ଼ ପୌର ପରିଷଦରେ ନୂତନ ନିର୍ବାହୀ ଅଧିକାରୀ ଭାବରେ ମଧୁସ୍ମିତା ସିଂହ ଯୋଗ ଦେଇଛନ୍ତି । ପୂର୍ବରୁ ସେ ସୁନ୍ଦରଗଡ଼ ପୌର ପରିଷଦରେ ନିର୍ବାହୀ ଅଧିକାରୀ ଥିଲେ । ମଧୁସ୍ମିତାଙ୍କୁ ସୁନ୍ଦରଗଡ଼ ପୌର ପରିଷଦରୁ ଯୋଡ଼ାକୁ ବଦଳି ହୋଇଥିବାବେଳେ ଉକ୍ତ ବଦଳିକୁ ଗୃହ ଓ ନଗର ଉନ୍ନୟନ ବିଭାଗ ଖାରଜ କରି ବେଲପାହାଡ଼ ପୌର ନିର୍ବାହୀ ଅଧିକାରୀ ଭାବରେ ଅବସ୍ଥାପିତ କରିଛି । ପୂର୍ବତନ ନିର୍ବାହୀ ଅଧିକାରୀ ବଳଦେବ ବେହେରାଙ୍କୁ ଗଂଜାମ ଜିଲ୍ଲାର ଚିକିଟି ତହସିଲଦାର ଭାବରେ ବଦଳି ହୋଇଛି ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସାଇବର ନିରାପତ୍ତା ନେଇ ଏମ.ସି.ଏଲ୍ ପକ୍ଷରୁ କର୍ମଶାଳା






ବୁର୍ଲା : ସାଇବର ସୁରକ୍ଷାର ମହତ୍ତ୍ୱ ସମ୍ପର୍କରେ ଏମ୍.ସି.ଏଲ କର୍ମଚାରୀଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ସାଇବର ସୁରକ୍ଷା ସଚେତନତା ଉପରେ ଏକ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା । ଏହି କର୍ମଶାଳାକୁ ସିଏମଡି ଓ.ପି ସିଂହ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପି.କେ. ପଟେଲ, ନିର୍ଦ୍ଦେଶକ (ବୈଷୟିକ/ ପରିଚାଳନା) ଜେ.କେ ବୋରା, ବିତ୍ତ ନିର୍ଦ୍ଦେଶକ ଏ.କେ ବେହୁରା, ବୈଷୟିକ ନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି କର୍ମଶାଳାରେ ହାଇଦ୍ରାବାଦର ଇଞ୍ଜିନିୟରିଂ ଷ୍ଟାଫ୍ କଲେଜର ଅଧ୍ୟାପକମାନେ ରିସୋର୍ସ ପର୍ସନ ଭାବେ ଯୋଗ ଦେଇଥିଲେ । ଜାତୀୟ ସାଇବର ସମନ୍ୱୟ କେନ୍ଦ୍ର, ସିଇଆରଟିର ନିର୍ଦ୍ଦେଶ ଅନୁଯାୟୀ ଏମସିଏଲ ସାଇବର ସୁରକ୍ଷା ଏବଂ ସାଇବର ସଚେତନତା ସମ୍ବନ୍ଧୀୟ ବିଭିନ୍ନ ଅଭ୍ୟାସକୁ ସକ୍ରିୟ ଭାବରେ କାର୍ଯ୍ୟକାରୀ କରିଛି, ଯେଉଁଥିରେ ପରବର୍ତ୍ତୀ ପିଢ଼ି ଫାୟାରୱାଲ ସ୍ଥାପନ ଏବଂ ବିପଦ ଚିହ୍ନଟ ଅନ୍ତର୍ଭୁକ୍ତ ହେବେ । ସାଇବର ସ୍ପେସରେ ଦୈନନ୍ଦିନ ଅଫିସ କାର୍ଯ୍ୟ ପାଇଁ କ'ଣ ଆବଶ୍ୟକ ଓ କ'ଣ ଆବଶ୍ୟକ ନୁହେଁ ସେ ବିଷୟରେ ଏମସିଏଲ ଏକ ପୁସ୍ତିକା ମଧ୍ୟ ପ୍ରକାଶ କରିଛି । କର୍ମଶାଳା ଏବଂ ବ୍ୟକ୍ତିବିଶେଷଙ୍କ ପାଇଁ ସାଇବର ନିରାପତ୍ତାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲା । ଏହି ଅବସରରେ ସାଇବର ନିରାପତ୍ତା ଏବଂ ଏହାର ଗୁରୁତ୍ୱ ଉପରେ ବିଶେଷଜ୍ଞ ପ୍ରବନ୍ଧ ସମ୍ବଳିତ ଏକ ସ୍ମାରକୀ ଉନ୍ମୋଚନ କରିଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra